## ସଂକ୍ଷେପରେ

### ଉତ୍କଳଗୌରବଙ୍କ ସ୍ମୃତିରେ ଚିତ୍ରକଳା ପ୍ରଦର୍ଶନୀ 'ଅଭିବ୍ୟକ୍ତି'

ଭୁବନେଶ୍ୱର,୨୮।୪(ଶର୍ମିଷ୍ଠା ପାଣିଗ୍ରାହୀ) – ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଏକ ଆନ୍ତର୍ଜାତିକ ଚିତ୍ରକଳା ପ୍ରଦର୍ଶନୀ 'ଅଭିବ୍ୟକ୍ତି' ରବିବାର ଉଦ୍‌ଘାଟିତ ହୋଇଯାଇଛି। ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଚିତ୍ରଶିଳ୍ପୀଙ୍କ ଦ୍ୱାରା ଚିତ୍ରକଳାମାନ ପ୍ରଦର୍ଶିତ ହୋଇଛି। ଏହା ମେ ୭ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରଦର୍ଶନୀକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉଦ୍‌ଘାଟନ କରିଥିଲେ। ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର କିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ହାତୀଦାନ୍ତରେ ଥିବା ମଧୁବାବୁଙ୍କ ଚିତ୍ରକଳା ସଂଗ୍ରହାଳୟ ପ୍ରବେଶ ପଥରେ ପ୍ରଦର୍ଶିତ ହୋଇଛି। ସଂଗ୍ରହାଳୟକୁ ଆସୁଥିବା ପ୍ରତ୍ୟେକ ପର୍ଯ୍ୟଟକ ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ଏଥିସହ ମଧୁବାବୁ ବ୍ୟବହାର କରିଥିବା ପଗଡ଼ି ମଧ୍ୟ ସର୍ବସାଧାରଣଙ୍କ ନିମନ୍ତେ ପ୍ରଦର୍ଶିତ ହେଉଛି। ସଂଗ୍ରହାଳୟର ପ୍ରତ୍ୟେକ କକ୍ଷରେ ମଧ୍ୟ ମଧୁବାବୁଙ୍କ ସମ୍ପର୍କିତ ବିଭିନ୍ନ ସଙ୍ଗୀତ ରେକର୍ଡ ମାଧ୍ୟମରେ ଗାନ କରାଯାଉଛି।

### ମହିଳାଙ୍କୁ ହତ୍ୟା କରି ଘର ଛାତରେ ଟାଙ୍ଗିଦେଲେ

ବୋଲଗଡ଼,୨୮।୪(ଦେବବ୍ରତ ହୋତା): ବୋଲଗଡ଼ ଥାନା ଅଧୀନ ପଞ୍ଚୁକୋଟ ଗ୍ରାମରେ ଜଣେ ମହିଳାଙ୍କ ଶନିବାର ସନ୍ଧ୍ୟାରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶୋଇବା ଘର ଛାତରେ ପିନ୍ଧା ଲୁଗାରେ ଝୁଲୁଥିବା ଅବସ୍ଥାରେ ତାଙ୍କ ମୃତଦେହ ପୋଲିସ ଜବତ କରିଛି। ଝିଅକୁ ପିଟିପିଟି ହତ୍ୟା କରି ଶୋଇବା ଘରେ ଟାଙ୍ଗି ଦେଇଥିବା ମୃତାଙ୍କ ବାପା ନୟାଗଡ଼ ଫତେଗଡ଼ ଥାନା ବାଇଗୁଣିଆ ଗ୍ରାମର ବିନୋଦ ଚନ୍ଦ୍ର ପୃଷ୍ଟି ଅଭିଯୋଗ କରିଛନ୍ତି। ପୋଲିସ ୧୦୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସ୍ୱାମୀ ଫେରାର ଥିବାବେଳେ ଶ୍ୱଶୁରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ପୋଲିସ ମୃତଦେହକୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ତାଙ୍କର ୨ ପୁତ୍ର ସନ୍ତାନ ଅଛନ୍ତି। ପାରିବାରିକ ଅଶାନ୍ତିରୁ ଏହି ଘଟଣା ଘଟିଥିବା ଜଣାପଡିଛି।

# ଭିକ୍ଷୁକମୁକ୍ତ ହୋଇପାରୁନି ସ୍ମାର୍ଟସିଟି

ଭୁବନେଶ୍ୱର ୨୮।୪ (ବନ୍ଦନା ସେଠୀ)

ସ୍ମାର୍ଟସିଟି ଭୁବନେଶ୍ୱରକୁ ଭିକାରୀ ଏବଂ ଯାଯାବର (ବଞ୍ଜାରା)ମୁକ୍ତ କରିବାକୁ ଅଭିଯାନ ଆରମ୍ଭ କରିଥିଲା ବିଏମ୍‌ସି। ଯଦିଓ ପୂର୍ବଭଳି ସବୁ ମନ୍ଦିର ଆଗରେ ଭିକ୍ଷୁକମାନେ ବସୁ ନାହାନ୍ତି, ତଥାପି ଏବେ ବି ଅନେକ ସ୍ଥାନରେ ଭିକାରୀ ଭିକ୍ଷାବୃତ୍ତି କରୁଥିବା ଦେଖାଯାଉଛି। ସେହିପରି ସହରରେ ବଞ୍ଜାରାମାନଙ୍କର ପ୍ରାଦୁର୍ଭାବ ଲୋପ କରିବା ପାଇଁ ବିଏମ୍‌ସି ଓ କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା। ଏହି କ୍ରମରେ ବଞ୍ଜାରାମାନଙ୍କୁ ଭିକ୍ଷାବୃତ୍ତିରୁ ବାରଣ କରିବା ସହ ନିଜନିଜ ରାଜ୍ୟକୁ ଫେରିଯିବା ପାଇଁ ତାଗିଦ୍ କରାଯାଇଥିଲା। ତେବେ ପ୍ରାୟ ୨ବର୍ଷ ତଳୁ ଆରମ୍ଭ ହୋଇଥିବା ଏହି ଦୁଇ ଅଭିଯାନ ଏବେ ଦିଗହରା ହୋଇପଡିଛି। ସହରର ବିଭିନ୍ନ ଅଞ୍ଚଳରେ ଲୋକମାନେ ଭିକ୍ଷାବୃତ୍ତି କରୁଥିବାବେଳେ ପଟିଆ, ମାଷ୍ଟରକ୍ୟାଣ୍ଟିନ, ଖଣ୍ଡଗିରି, ରସୁଲଗଡ, ଜୟଦେବ ବିହାର ଭଳି ମୁଖ୍ୟ ରାସ୍ତା ଏବଂ ଓଭରବ୍ରିଜ୍ ତଳେ ବଞ୍ଜାରାମାନଙ୍କୁ ଦେଖିବାକୁ ମିଳୁଛି। ରାଜସ୍ଥାନ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଭଳି ରାଜ୍ୟରୁ ଆସି ଏଠାରେ ଆସ୍ଥାନ ଜମାଉଛନ୍ତି। ପିଲାଙ୍କୁ ଭିକ୍ଷାବୃତ୍ତିରେ ଲଗାଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିବା ସହ ଆଖପାଖ ଅଞ୍ଚଳ ଅପରିଷ୍କାର କରୁଛନ୍ତି। ଏପରିକି ଏଭଳି ପ୍ରଚଣ୍ଡ ଖରାରେ ମଧ୍ୟ ଛୋଟଛୋଟ କୋମଳମତି ଶିଶୁଙ୍କୁ ଧରି ମହିଳାମାନେ ଭିକ୍ଷା ମାଗୁଥିବା ଦେଖିବାକୁ ମିଳୁଛି। କିଛି ପଇସା ପାଇଁ ଛୋଟ ପିଲାଙ୍କ ଜୀବନ ବାଜିରେ ଲଗାଇବାକୁ ଏମାନେ ପଛାଉ ନାହାନ୍ତି। କେବଳ ସେତିକି ନୁହେଁ, କିନ୍ନରମାନଙ୍କୁ ଭିକ୍ଷାବୃତ୍ତିରୁ ଦୂରେଇ ରଖିବା ପାଇଁ ହେଉଥିବା ବିଭିନ୍ନ ଯୋଜନା ମଧ୍ୟ ଏକ ପ୍ରକାର ଫେଲ୍ ମାରିଛି। ଭିକ୍ଷାବୃତ୍ତି କରୁଥିବା କିନ୍ନରମାନଙ୍କୁ ଥଇଥାନ କରିବା ଏବଂ ସେମାନଙ୍କ ଦକ୍ଷତା ବିକାଶ କରିବା ପାଇଁ ବିଏମ୍‌ସି କରିଥିବା ଯୋଜନା ଏବେ ମଧ୍ୟ ନାଲି ଫିତା ତଳେ ଚାପିହୋଇ ରହିଛି। ଫଳରେ କିଛିଜଣଙ୍କୁ ଛାଡିଦେଲେ ଅନେକ କିନ୍ନର ସହରର ବିଭିନ୍ନ ପାର୍କ,



ମାର୍କେଟ୍ ଆଦି ଅଞ୍ଚଳରେ ଭିକ୍ଷାବୃତ୍ତି କରୁଥିବା ଦେଖାଯାଉଛି। ଯାହାଦ୍ୱାରା ସ୍ମାର୍ଟସିଟିର ଛବି ମଳିନ ହେଉଛି। ବିଏମ୍‌ସିର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଭିକାରୀଙ୍କ ପାଇଁ ସହରର ୩ଟି ସ୍ଥାନରେ ୫ଟି ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି। ମହିଳା ଓ ଛୋଟପିଲାଙ୍କ ପାଇଁ ନୀଳାଦ୍ରୀ ବିହାରରେ ସ୍ୱତନ୍ତ୍ର ଆଶ୍ରୟସ୍ଥଳ ନିର୍ମିତ ହୋଇଛି। ବିଭିନ୍ନ ଅଞ୍ଚଳରୁ ଭିକାରୀମାନଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳରେ ରଖିବା ତଥା ସେମାନଙ୍କର ଯତ୍ନ ନେବାପାଇଁ ୩ଟି ସ୍ୱେଚ୍ଛାସେବୀ ସଂସ୍ଥା 'ବିକାଶ', 'ବିଜେଏସ୍‌ଏସ୍' ଏବଂ 'ଓଡ଼ିଶା ପତିତ ଉଦ୍ଧାର ସମିତି'କୁ ନିୟୋଜିତ କରାଯାଇଛି। ସେହିପରି ବଞ୍ଜାରାମାନଙ୍କ ପାଇଁ ଯେପରି କୌଣସି ସମସ୍ୟା ସୃଷ୍ଟି ନ ହୁଏ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ଭିକ୍ଷୁକ ବସୁଥିବାର ଖବର ମିଳିଲେ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ସେଠାକୁ ଯାଇ ତାଙ୍କୁ ଆଶ୍ରୟସ୍ଥଳକୁ ଆଣୁଛନ୍ତି। ତେବେ ଅଧିକାଂଶ ସମୟରେ ଦେଖାଯାଉଛି ଯେ ଭିକାରିମାନେ କାହାକୁ କିଛି ନ କହି ହଠାତ୍ ଚାଲି ଯାଉଛନ୍ତି। ତେଣୁ ଭୁବନେଶ୍ୱରକୁ ଭିକ୍ଷୁକମୁକ୍ତ କରିବାରେ କିଛିଟା ସମସ୍ୟା ଦେଖାଦେଉଛି। ତେବେ ଗତ ୩ବର୍ଷ ମଧ୍ୟରେ ବିଏମ୍‌ସି ୬ଶହ ଭିକାରୀଙ୍କୁ ସେମାନଙ୍କ ପରିବାର ସହିତ ମିଶାଇବାରେ ସଫଳ ହୋଇଥିବା ସେ ସୂଚନା ଦେଇଛନ୍ତି।

# ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଜାତୀୟ କର୍ମଶାଳା




ଭୁବନେଶ୍ୱର,୨୮।୪

ଓଡ଼ିଶା ଶିଶୁ ଅସ୍ଥିଶଲ୍ୟ ସଂଘ ଓ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନ ସ୍କୁଲ ଅଫ ଅକ୍ୟୁପେଶନାଲ ଓ ଫିଜିଓଥେରାପିର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ଜାତୀୟ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ମସ୍ତିଷ୍କ ପକ୍ଷାଘାତ ଯୋଗୁ ମନୁଷ୍ୟ ଶରୀରର ଅଙ୍ଗପ୍ରତ୍ୟଙ୍ଗ ବିକଳାଙ୍ଗ ଚିକିତ୍ସା ସମ୍ବନ୍ଧୀୟ ଆଲୋଚନା ଚକ୍ରକୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଧାରିତ କର୍ମଶାଳା ଯୁବ ଡାକ୍ତରଙ୍କୁ ମାର୍ଗଦର୍ଶନରେ ସହାୟକ ହେବ ବୋଲି ରଥ କହିଥିଲେ। କର୍ମଶାଳାର ମୁଖ୍ୟ ସଂଯୋଜକ ତଥା ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଭାରତୀୟ ଶିଶୁ ଅସ୍ଥି ଶଲ୍ୟ ସଂଘର ପୂର୍ବତନ ସଭାପତି ପ୍ରଫେସର ଡା. ଧୀରେନ୍ ଗଞ୍ଜୱାଲା, ମଣିପାଲ ମେଡିକାଲ କଲେଜର ପ୍ରଫେସର ଡା. ହିତେଶ ଶାହା, ଡା. ଆଶା ଚିଟନିଶ, ଡା.ସଞ୍ଜୟ ପାଣ୍ଡେ, ଡା.ସାନିୟାଲ କୁମାର, ଡା.ପବିତ୍ର କୁମାର ସାହୁ, ଡା.ଆଦିତ୍ୟ ନାରାୟଣ ନନ୍ଦ, ଡା. ନିରଞ୍ଜନ ଓଝା, ଡା. ଆର୍ତ୍ତତ୍ରାଣ ପାତ୍ର ପ୍ରମୁଖ ମସ୍ତିଷ୍କ ପକ୍ଷାଘାତଜନିତ ଅଙ୍ଗପ୍ରତ୍ୟଙ୍ଗ ବିକଳାଙ୍ଗତ୍ୱ ଏବଂ ଚିକିତ୍ସା ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏସ୍‌ଭି ନିର୍‌ତାରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡା. ସଞ୍ଜୟ କୁମାର ଦାସ, ଡା. ଜଗନ୍ନାଥ ସାହୁ ବିଭିନ୍ନ ପର୍ଯ୍ୟାୟ ଅଧିବେଶନରେ ପୌରୋହିତ୍ୟ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ କର୍ମଶାଳାର ଉପାଦେୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍କୁଲ ଅଫ ଫିଜିଓଥେରାପିର ଅଧ୍ୟକ୍ଷ ଡା. ଦୁର୍ଗା ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା ଓ ଡା. ମେହେବୁବ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ।

# ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ୫-ଟି ଅଧ୍ୟକ୍ଷ



ମଧୁବାବୁଙ୍କ ଅନ୍ତୁଡ଼ିଶାଳରେ କାର୍ତ୍ତିକ ପାଣ୍ଡିଆନ ଓ ବିଜେଡି ନେତୃମଣ୍ଡଳୀ ।

ସାଲେପୁର,୨୮।୪(ଅରବିନ୍ଦ ଭୂୟାଁ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୬ତମ ଜୟନ୍ତୀ ଅବସରରେ ରବିବାର ଅପରାହ୍ନରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧୁବାବୁଙ୍କ ଜନ୍ମସ୍ଥାନ କଟକ ଜିଲା ସତ୍ୟଭାମାପୁର ଗସ୍ତରେ ଆସିଥିଲେ। ସେଠାରେ ସେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ଅନ୍ତୁଡ଼ିଶାଳ, ପୈତୃକ ବାସଭବନ, ରସପୋଖରୀ ଆଦି ସ୍ଥାନ ପରିଦର୍ଶନ କରିଥିଲେ। ଏହି ଅବସରରେ ପାଣ୍ଡିଆନ ସେଠାରେ ଥିବା କସ୍ତୁରବା ଆବାସିକ ବିଦ୍ୟାଳୟର ଅନ୍ତେବାସୀଙ୍କ ସହ କିଛି ସମୟ ଭାବ ଆଦାନ ପ୍ରଦାନ କରିଥିଲେ। ପାଣ୍ଡିଆନଙ୍କ ଏହି ଗସ୍ତ ସମୟରେ ସାଲେପୁର ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା, ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ସମେତ ବହୁ ବିଜେଡି ନେତା ଯୋଗଦେଇଥିଲେ। ବିଜେଡି କର୍ମୀମାନେ ପାଣ୍ଡିଆନଙ୍କୁ ପାଗା ଛକରୁ ଏକ ଶୋଭାଯାତ୍ରାରେ ସତ୍ୟଭାମାପୁର ପର୍ଯ୍ୟନ୍ତ ନେଇଯାଇଥିଲେ। ସେଠାରେ ବିଜୁ ଜନତା ଦଳର ମହିଳା, ଯୁବ, ଛାତ୍ର ବହୁ ସଂଖ୍ୟାରେ ଉପସ୍ଥିତି ରହି ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ମଧୁବାବୁଙ୍କ ପୀଠକୁ ପାଛୋଟି ନେଇଥିଲେ।

### ନବଜାତ ଶିଶୁକୁ ଉଦ୍ଧାର କଲେ କିନ୍ନର

ପୁରୀ,୨୮।୪(ଅଜିତ୍ ମହାନ୍ତି): ତାଳବଣିଆ ଜଙ୍ଗଲରୁ ଏକ ନବଜାତ ଶିଶୁକୁ ରବିବାର କେତେଜଣ କିନ୍ନର ଉଦ୍ଧାର କରିଛନ୍ତି । ସୂଚନା ଅନୁଯାୟୀ, ରବିବାର ସକାଳେ ଦେବକୀ କିନ୍ନର ଓ ଅନ୍ୟ କିନ୍ନର ତାଳବଣିଆ ଦେଇ କୋଣାର୍କ ଯାଉଥିବାବେଳେ ଜଙ୍ଗଲରୁ ଏକ ଶିଶୁର କାନ୍ଦ ଶୁଣିବାକୁ ପାଇଥିଲେ। କିନ୍ନରମାନେ ଜଙ୍ଗଲ ଭିତରକୁ ଯିବାରୁ ଏକ ନବଜାତ ଶିଶୁ ଏକାକୀ ଅସହାୟ ଅବସ୍ଥାରେ ପଡିରହିଥିବା ଦେଖିବାକୁ ପାଇଥିଲେ। କିନ୍ନରମାନେ ଉକ୍ତ ଶିଶୁକୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ କେହି ଉକ୍ତ ଶିଶୁକୁ ଜଙ୍ଗଲ ଭିତରେ ଫିଙ୍ଗିଦେଇ ପଳାଇଥିବା ଅନୁମାନ କରାଯାଉଛି।

### ଟ୍ରେନ ଧକ୍କାରେ ଚାଲିଗଲା ଜୀବନ

ବାରଙ୍ଗ,୨୮।୪(ଲିଙ୍ଗରାଜ ରାଉତ): ଜୟପୁର ନିକଟ ରେଳଧାରଣା ନିକଟରେ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବାରଙ୍ଗ ଥାନା ଅଧୀନ ଜୟପୁର ଗ୍ରାମର ନାରାୟଣ ସାହୁ(୫୭)। ବାରଙ୍ଗ ରେଳବାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କେସ ୩୧/୨୪ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଛନ୍ତି। ରବିବାର ରାତି ସାଢ଼େ ୮ଟା ସମୟରେ ନାରାୟଣ ଜୟପୁର ନିକଟ ରେଳଧାରଣା ପାର୍ଶ୍ୱରୁ ଶୌଚ ସାରି ଫେରୁଥିବାବେଳେ ଟ୍ରେନ ଆଗକୁ ଚାଲି ଆସିଥିଲେ। ଭୁବନେଶରରୁ ହୱଡ଼ା ଯାଉଥିବା ଏକ୍ସପ୍ରେସ ଟ୍ରେନ ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର ୨୮।୪ (ବନ୍ଦନା ସେଠୀ)

ସାମାଜିକ ସମରସତା ମଞ୍ଚ ଚନ୍ଦ୍ରଶେଖର ଭାଗ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ନୀଳାଦ୍ରି ବିହାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମସିର ୬୮ଜଣ ସଫେଇ କର୍ମଚାରୀଙ୍କୁ ନୂତନ ବସ୍ତ୍ର, ମିଠା ପ୍ୟାକେଟ ଓ ହୁଇସିଲ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବ ଓଡିଶା ସାମାଜିକ ସମରସତା ମଞ୍ଚର ସଂଯୋଜକ ଘନଶ୍ୟାମ ମହାପାତ୍ର, ମୁଖ୍ୟବକ୍ତା ଭୁବନେଶ୍ୱର ମହାନଗର ସାମାଜିକ ସମରସତା ମଞ୍ଚର ସଂଯୋଜକ ଶ୍ରୀନିବାସ ମାନସିଂହ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୈତ୍ରୀ ନଗର ସଂଘ ଚାଳକ ଡ. ମନୋଜ କୁମାର ଦାସ ଓ ଯୁଧିଷ୍ଠିର ନାୟକ ପ୍ରମୁଖ ଯୋଗଦେଇ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭୁବନେଶ୍ୱରକୁ ସ୍ୱଚ୍ଛ ସୁନ୍ଦର ରଖିବାରେ ସଫେଇ କର୍ମଚାରୀଙ୍କ ଭୂମିକା ଅତୁଳନୀୟ। ଖରା, ବର୍ଷା, ଶୀତ, କାକରକୁ ଖାତିର ନକରି ଲୋକମାନଙ୍କୁ ସେବା ଯୋଗାଇ ଦେଉଥିବାରୁ ସେମାନେ ମହାନ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଦିବ୍ୟସିଂହ ପାଠୀ ମଞ୍ଚ ସଂଯୋଜନା କରିଥିଲାବେଳେ ବରିଷ୍ଠ ଗୁରୁଜୀ ସୁରେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାନଗର ବ୍ୟବସ୍ଥା ପ୍ରମୁଖ ଇନ୍ଦ୍ରମଣୀ ସେଣ୍ଠ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିତ୍ରାଙ୍କନ, ଅଭିନୟରେ ମଧୁ ଜୟନ୍ତୀ ପାଳିଲେ କୁନିକୁନି ପିଲା

ଭୁବନେଶ୍ୱର ୨୮।୪ (ବନ୍ଦନା ସେଠୀ)

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ଆଶାଏଁ ଆନୁକୁଲ୍ୟରେ 'ସନ୍ଧାନ ମଧୁକଥା' ସମାରୋହ ରବିବାର ଆୟୋଜିତ ହୋଇଯାଇଛି। ଏହି କ୍ରମରେ କୁନିକୁନି ପିଲାମାନଙ୍କୁ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ କରିବା ପାଇଁ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଡିଶାର ବିଭିନ୍ନ ଜିଲା ଚିହ୍ନଟ କରିବା ଓ ସେହି ଜିଲାଗୁଡିକର ବିଶେଷତ୍ୱ ସମ୍ପର୍କରେ ଆୟୋଜିତ ଜଣା ଅଜଣା କାର୍ଯ୍ୟକ୍ରମ ପିଲାମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ଏହି ଅବସରରେ 'ମୋ ସ୍ୱପ୍ନର ଓଡ଼ିଶା' ସମ୍ପର୍କିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହାସହିତ 'ମଧୁବକ୍ତୃତା' ଓ 'ମୁଁ ମଧୁବାବୁ' ସମ୍ପର୍କିତ ଏକକ ଅଭିନୟରେ ପିଲାମାନେ ଅଂଶଗ୍ରହଣ କରିଥିଲେ। ନୃତ୍ୟ ଓ ସଙ୍ଗୀତର ତାଳେତାଳେ ପରିବେଶ ବେଶ ମତୁଆଲା



ସମାରୋହରେ ଅତିଥିଙ୍କ ଗହଣରେ କୁନି ପିଲାମାନେ।

ହୋଇଥିଲା। ସାମାଜିକକର୍ମୀ ଜୟଶ୍ରୀ ମହାପାତ୍ର, ନିତିଦିନର ସମ୍ପାଦକ ମନୋଜ ମହାପାତ୍ର, ମହିଳା ଓ ଶିଶୁ ମଙ୍ଗଳ ବିଭାଗ ଉପଦେଷ୍ଟା ସୁମିତ୍ରା ଜେନା, ଇନରହ୍ୱିଲ କ୍ଲବ ସଦସ୍ୟା ମମତା ବାଜପାୟୀ ଓ ଅର୍ଥବିତ ଦୟାନିଧି ହରିଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆଶାଏଁ ସଙ୍ଗଠନର ଅଧ୍ୟକ୍ଷ ରତ୍ନାକର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ମନସ୍ୱିନୀ ପରିଡ଼ା ଅତିଥି ଅଭ୍ୟର୍ଥନା ଓ ବିକ୍ରମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ପିଲାମାନଙ୍କ ସହ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ, ବୀଣାଭାରତୀ ଶିକ୍ଷା ମନ୍ଦିର ଓ ସୋଚ ଅନୁଷ୍ଠାନ ପିଲାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ପିଲାମାନଙ୍କୁ ଜଣାଇବା ପାଇଁ ବିଭିନ୍ନ ପ୍ରକାର ପିଠାପଣା ପରଷା ଯାଇଥିଲା। ସଙ୍ଗଠନର ଛାତ୍ରୀଛାତ୍ର, ଓ କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

କଟକ,୨୮।୪ (କାର୍ତ୍ତିକ ସାହୁ)– ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ତୃତୀୟ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଡ. କମଳଜିତ୍ ସିଂହ ଯୋଗଦେଇ କହିଛନ୍ତି, ବିଶ୍ୱବିଦ୍ୟାଳୟକୁ ୩ ବର୍ଷ ପୂରଣ ହୋଇଥିବାବେଳେ ବହୁତ କ୍ଷେତ୍ରରେ ଉନ୍ନତି କରିପାରିଛି। ଆଗାମୀ ଦିନରେ ଆଇନ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନରେ ଅଧିକ ସୁବିଧା ପ୍ରଦାନ କରାଯିବା ସହ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ପାଠାଗାର ପରିସରରେ ନିର୍ମିତ ନୂତନ ପଠନ କକ୍ଷ ଉଦ୍‌ଘାଟିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ଆଇନ ପତ୍ରିକାର ପ୍ରଥମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଏଥିସହ କୃତୀ ଛାତ୍ରୀଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ସୌମିତ୍ର କୁମାର ଚାଟାର୍ଜୀ ବିବରଣୀ ପାଠ ଓ କୁଳସଚିବ ନିରୁପମା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ରବିବାର ଭାଜପା ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ରଙ୍କ ରୋଡ୍ ଶୋ'।



ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ବିଜେଡିର ବିଧାୟକ ପ୍ରାର୍ଥୀ ଅନନ୍ତନାରାୟଣ ଜେନା ଓ ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ପ୍ରଚାର କରୁଛନ୍ତି।

# ମଧୁବାବୁ ସାଧାରଣ ଲୋକଙ୍କ ପାଇଁ କାମ କରୁଥିଲେ

ଭୁବନେଶ୍ୱର ୨୮।୪(ବନ୍ଦନା ସେଠୀ)

ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର, ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ରାଜ୍ୟପାଳ ରଘୁବର ଦାସ, ସମ୍ମିଳନୀର ଉପଦେଷ୍ଟା ପଦ୍ମଚରଣ ନାୟକ ଓ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଅତିଥି ଭାବେ ଯୋଗଦେଇଥିଲେ। ପରେ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଆୟୋଜିତ ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୂର୍ବତନ ସଚିବ ଅଶ୍ୱିନୀ କୁମାର ମିଶ୍ର ଯୋଗଦେଇ, ମଧୁବାବୁ ସବୁବେଳେ ସାଧାରଣ ଲୋକଙ୍କ ପାଇଁ କାମ କରୁଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର ମେହେର ଯୋଗଦେଇ ମଧୁବାବୁଙ୍କ ଗୁଣଗାନ କରିଥିଲେ। ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା




ରାଜଭବନଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

ପରିଚାଳନା, ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର ଅତିଥି ପରିଚୟ ଓ ମଞ୍ଚେଶ୍ୱର ଶାଖା ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପଙ୍କୁ ସମ୍ବର୍ଦ୍ଧନା

ବେଗୁନିଆ,୨୮।୪(ସନ୍ଧ୍ୟାରାଣୀ ମିଶ୍ର)

ଆସନ୍ତା ନିର୍ବାଚନରେ ୩ ପ୍ରମୁଖ ଦଳ ମଧ୍ୟରୁ ୨ ଗୋଟି ଦଳ ପ୍ରାର୍ଥୀ ତାଲିକା ଘୋଷଣା ହେବା ପରେ କର୍ମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। କଂଗ୍ରେସ ବିଧାୟକ ପ୍ରାର୍ଥୀ ଘୋଷଣା ଆଗରୁ ହୋଇଥିବାବେଳେ ଭାଜପା ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇ ନାହିଁ। ତେବେ ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରଦୀପ ସାହୁଙ୍କ ନାମ ଶନିବାର ସନ୍ଧ୍ୟାରେ ଘୋଷଣା କରାଯାଇଛି। ଆଗରୁ ହେଉଥିବା ସାଧାରଣ ନିର୍ବାଚନରେ ସ୍ଥାନୀୟ ପ୍ରାର୍ଥୀଙ୍କୁ ସୁଯୋଗ ଦିଆ ନ ଯାଇ ଏଠାରେ ବିଭିନ୍ନ ଦଳ ବାହାର ନେତାଙ୍କୁ ଆଣି ଲୋକଙ୍କ ଉପରେ ଲଦି ଦେଉଥିଲେ। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ଅସନ୍ତୋଷ ଦେଖାଦେଇଥିଲା। ଦୀର୍ଘ ବର୍ଷ ପରେ ସ୍ଥାନୀୟ ନେତା ସାହୁ ପ୍ରମୁଖ ଦଳ ବିଜେଡିରୁ ଟିକେଟ ପାଇବା ପରେ ସ୍ଥାନୀୟ ଅଞ୍ଚଳର କର୍ମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଶନିବାର ରାତିରେ କର୍ମୀମାନେ ବାଣ ଫୁଟାଇ ତାଙ୍କୁ ତାଙ୍କ ସାରୁଅସ୍ଥିତ ବାସଭବନରେ ଭେଟି ଫୁଲତୋଡା ଦେଇ ସ୍ୱାଗତ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥି ସହିତ ବହୁ ସରପଞ୍ଚ/ସମିତି ଏବଂ ଜିଲା ପରିସଦ ସଭ୍ୟଙ୍କ ସହିତ ହଜାର ହଜାର ସଂଖ୍ୟାରେ ଶୁଭେଚ୍ଛୁମାନେ ତାଙ୍କ ବାସଭବନରେ ତାଙ୍କୁ ଭେଟି ଶୁଭେଚ୍ଛା ଜ୍ଞାପନ କରିବା ସହିତ ବିଜୟ ଲାଭ କରିବାକୁ ଆଶୀର୍ବାଦ କରିଛନ୍ତି।

### ବିକାଶର ଧାରା ତ୍ୱରାନ୍ୱିତ ହେବ: ରାଜେନ୍ଦ୍ର

ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)

ବିଜେଡିରୁ ଭାଜପାରେ ମିଶିଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଦଳ ଖୋର୍ଦ୍ଧାରୁ ପ୍ରାର୍ଥୀ କରିଛି। ସେହିପରି ବିଜେଡି ଖୋର୍ଦ୍ଧାରୁ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ଖୋର୍ଦ୍ଧା ଏବଂ ପ୍ରଦୀପ ସାହୁଙ୍କୁ ବେଗୁନିଆରୁ ପ୍ରାର୍ଥୀ କରିଛି। ଏନେଇ ପ୍ରଦୀପ କହିଛନ୍ତି, ବେଗୁନିଆ, ବୋଲଗଡ଼ବାସୀ ସ୍ଥାନୀୟ ନେତୃତ୍ୱ ଖୋଜୁଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଅତୀତରେ ବେଗୁନିଆବାସୀଙ୍କ ଦାବି କ୍ରମେ ମୁଖ୍ୟମନ୍ତ୍ରୀ ଉପଖଣ୍ଡ ମେଡିକାଲକୁ ମଞ୍ଜୁର କରିଥିଲେ। ଏପରିକି ବେଗୁନିଆ ପରେ ବୋଲଗଡ଼କୁ ଏନ୍ଏସି ଘୋଷଣା କରିଥିଲେ। ଏଠାରେ ଦଳ ଶକ୍ତିଶାଳୀ ରହିଛି। ବିକାଶର ଧାରା ବହୁଛି। ନବୀନଙ୍କ ଉପରେ ଲୋକଙ୍କ ବିଶ୍ୱାସ ରହିଛି। ଚଳିତ ନିର୍ବାଚନରେ ଉଭୟ ବିଧାନସଭା ଓ ଲୋକ ସଭାରେ ଯୋଡ଼ି ଶଙ୍ଖ ବିପୁଳ ଭୋଟରେ ବିଜୟ ଲାଭ କରିବ ବୋଲି ପ୍ରଦୀପ କହିଥିଲେ। ସେହିପରି ରାଜେନ୍ଦ୍ର କହିଛନ୍ତି, ନବୀନ ହେଉଛନ୍ତି ବିକାଶ ପୁରୁଷ। ତାଙ୍କ ନେତୃତ୍ୱରେ ଓଡ଼ିଶା ସମୃଦ୍ଧି, ପ୍ରଗତି ପଥରେ ଆଗେଇ ଚାଲିଛି। ଖୋର୍ଦ୍ଧା ଜିଲାର ସଦର ମହାକୁମା। ଏହାର ସର୍ବାଙ୍ଗୀନ ବିକାଶ ପ୍ରତି ଗୁରୁତ୍ୱ ରହିବ। ବିକାଶର ଧାରା ତ୍ୱରାନ୍ୱିତ ହେବ। ଖୋର୍ଦ୍ଧାକୁ ୧ ନମ୍ବର ବିଧାନସଭା କ୍ଷେତ୍ର ଭାବେ ଗଢ଼ି ତୋଳିବାକୁ ପ୍ରଚେଷ୍ଟା ରହିବ ବୋଲି ରାଜେନ୍ଦ୍ର କହିଥିଲେ।

### ୧୧୫ ଗାଡ଼ିରୁ ୧୧ ଲକ୍ଷ ୭୯ ହଜାର ୫୦୦ ଜରିମାନା

ପୁରୀ,୨୮।୪(ଅଜିତ୍ ମହାନ୍ତି)

ଟ୍ରାଫିକ ନିୟମ ଉଲ୍ଲଂଘନ କରି ମଦପାନ କରି ଗାଡ଼ି ଚଳାଇବା ମାମଲାରେ ପୁରୀ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଗତ ୪୫ ଦିନ ହେବ କରାଯାଉଛି। ଏହି ସ୍ୱତନ୍ତ୍ର ଅଭିଯାନ ସମ୍ପର୍କରେ ସୂଚନା ଦେଇ ଏସ୍ପି ପିନାକ ମିଶ୍ର କହିଛନ୍ତି, ପୁରୀ ଏକ ଧାର୍ମିକ ତଥା ପର୍ଯ୍ୟଟନ ସ୍ଥଳୀ। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ତେଣୁ ସେମାନଙ୍କ ସୁରକ୍ଷା ଦିଗରେ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ତାହାରି ମଧ୍ୟରେ ଏହି ସ୍ୱତନ୍ତ୍ର ଡ୍ରାଇଭ ଅନ୍ୟତମ ଅଟେ। ଏହି ଡ୍ରାଇଭ ଫଳରେ ରାତିରେ ମଦ୍ୟପାନ କରି ଗାଡ଼ି ଚଳାଇବା ଦ୍ୱାରା ହେଉଥିବା ଦୁର୍ଘଟଣା ବହୁ ସଂଖ୍ୟାରେ କମିଛି। ବିଗତ ୪୫ ଦିନ ମଧ୍ୟରେ ମୋଟ ୧୧୫ ଗୋଟି ଗାଡ଼ିକୁ ସିଜ କରାଯାଇ ଫାଇନ ଆଦାୟ କରାଯାଇଛି। ସେଥି ମଧ୍ୟରୁ ୮୯ଟି ୨ ଚକିଆ ଗାଡ଼ି ଥିବାବେଳେ ୨୬ ଗୋଟି ଅନ୍ୟ ଗାଡ଼ି ରହିଛି। ସେହିଭଳି ଅମାନିଆଙ୍କଠାରୁ ୧୧ ଲକ୍ଷ ୭୯ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ଆଗକୁ ମଧ୍ୟ ଏହି ଡ୍ରାଇଭ ଚାଲୁ ରହିବ ବୋଲି ଏସ୍ପି ମିଶ୍ର କହିଛନ୍ତି।

# କାଳବୈଶାଖୀ ତାଣ୍ଡବ: ଉପୁଡ଼ିଲା ଗଛ

## ୨ ଘଣ୍ଟା ଯାନବାହନ ଚଳାଚଳ ବାଧାପ୍ରାପ୍ତ

ବେଗୁନିଆ,୨୮।୪
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଞ୍ଚଳରେ ରବିବାର କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଶତାଧିକ ଗଛ ଉପୁଡ଼ିବା ସହ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କୁଆପଥର ମାଡ଼ ଆମ୍ବ ଓ ପରିବା ଫସଲ ଉପରେ ପ୍ରଭାବ ପକାଇବ ବୋଲି ଚାଷୀକୁଳଙ୍କ ମନରେ ଶଙ୍କା ପଶିଛି। ପ୍ରକାଶଥାଉ କି, ରବିବାର ତାପମାତ୍ରା ୪୧° ଥିବାବେଳେ ଅପରାହ୍ନରେ ମେଘୁଆ ପାଗ ପରେ ୭୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି, ବର୍ଷା ସାଙ୍ଗକୁ କୁଆପଥର ମାଡ଼ରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ପ୍ରଭାବରେ ପୁଙ୍ଗଁଚା, ଗେଡିଆପଲ୍ଲି, କଣ୍ଟାବାଡ଼, ବଡବେରଣା, ମାଣିବନ୍ଧ ଏବଂ ସିମୋର ପଞ୍ଚାୟତ ଅଞ୍ଚଳରେ ବିଭିନ୍ନ ଗ୍ରାମରେ ଶତାଧିକ ଛୋଟ ବଡ଼ ଗଛ ଉପୁଡି ପଡ଼ିଥିଲା। ବାଘମାରୀ- ଦଶପଲ୍ଲା ୪୮ନଂ. ରାଜ୍ୟ ରାଜପଥ ଉପରେ ଗଛ ଉପୁଡିବା ସହ ବଡବେରଣା, ସିମୋର, ଗେଡିଆପଲ୍ଲି ଓ ଗୋବିନ୍ଦପୁର ଗ୍ରାମ



ଅଗ୍ନିଶମ କର୍ମଚାରୀମାନେ ଉପୁଡିଥିବା ଗଛ କାଟି ରାସ୍ତା ସଫା କରୁଛନ୍ତି।

ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ୨ ଘଣ୍ଟା ପର୍ଯ୍ୟନ୍ତ ଗମନାଗମନ ଠପ ହୋଇଯାଇଥିଲା। ଖବର ପାଇ ବେଗୁନିଆ ଓ କଳାପଥର ଅଗ୍ନିଶମ କର୍ମଚାରୀ ରାସ୍ତାରୁ ଗଛଗୁଡିକୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଦୁର୍ଘଟଣାରେ ଚିକିତ୍ସାଧୀନ ନାବାଳକ ମୃତ

ଯାଁଳା,୨୮।୪(ବୁଲା ବାରିକ)

୧୬ ନଂ. ଜାତୀୟ ରାଜପଥ ପିତାପଲ୍ଲୀ ଛକ ନିକଟରେ ରବିବାର ଏକ ଦୁର୍ଘଟଣାରେ ଖଲାସି ଭାବେ କାମ କରୁଥିବା ଜଣେ ନାବାଳକର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ ପି. ସନ୍ତଙ୍କ ପୁଅ ବି. ରାଜା। ପୋଲିସ ଗାଡ଼ି ୨ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଥିବାବେଳେ ସୋମବାର ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

ସୂଚନା ମୁତାବକ, ସେମାନଙ୍କ ଘର ବ୍ରହ୍ମପୁର ଅଞ୍ଚଳରେ ହୋଇଥିବାବେଳେ ସେ ଯାଁଳାରେ ଘର କରି ରହୁଛନ୍ତି। ପି. ସନ୍ତ ଗୋଟିଏ ମିନି ଟ୍ରକ (୪୦୭)ରେ ଚାଳକ ଭାବେ କାମ କରୁଥିବାବେଳେ ତାଙ୍କ ପୁଅ ବି. ରାଜା ଖଲାସି (ହେଲ୍ପର) ଭାବେ କାମ କରନ୍ତି। ଉକ୍ତ ଟ୍ରକ୍‌ରେ ଇଟା ବୋଝେଇ କରି ତଳଖେତା ଛକରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବାବେଳେ ପିତାପଲ୍ଲୀ ଓଭରବ୍ରିଜ ଉପରେ ଚକା ପଙ୍କ୍ଚର ହେବାରୁ ବି. ରାଜା ଗାଡ଼ିର ଚକା ବଦଳାଉଥିଲେ। ଏହି ସମୟରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଜଣେ ବାଇକ୍ ଚାଳକ ଭାରସାମ୍ୟ ହରାଇ ଆସି ତାଙ୍କୁ ଧକ୍କା ଦେଇଥିଲେ। ଗାଡି ତଳେ ପଶିଥିବାରୁ ରାଜାଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ବାଇକ୍ ଚାଳକ ମଧ୍ୟ ଗାଡିରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ୨ ଜଣଙ୍କୁ କିଛି ସ୍ଥାନୀୟ ଲୋକେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସ ଚିକିତ୍ସାଳୟକୁ ନେଇଥିଲେ। ରବିବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ରାଜାଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ବାଇକ୍ ଚାଳକ ଚିକିତ୍ସାଧୀନ ଅଛନ୍ତି। ଏନେଇ ରାଜାଙ୍କ ବାପା ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିଛନ୍ତି।

## ବିଦେଶୀ ମଦ ଜବତ, ଜଣେ ଗିରଫ

ବେଗୁନିଆ,୨୮।୪(ସନ୍ଧ୍ୟାରାଣୀ ମିଶ୍ର)

ନିର୍ବାଚନକୁ ଆଖି ଆଗରେ ରଖି ବେଗୁନିଆ ପୋଲିସ ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗରେ କଣ୍ଟାବାଡ଼ ଗ୍ରାମରେ ଚଢ଼ାଉ କରି ୩୬ଟି ମଦ ବୋତଲ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗ୍ରାମର ଜନୈକ ବ୍ୟକ୍ତି ବିଦେଶୀ ମଦ ବେଆଇନ ଭାବେ ବିକ୍ରି କରି ଆସୁଥିଲେ। ଖବର ପାଇ ଏଏସ୍ଆଇ ଭୁବନ ବେହେରା ସେଠାରେ ଚଢ଼ାଉ କରି ମଦ ଜବତ କରିବା ସହ କେଶ ନଂ. ୧୩୦/୨୪ରେ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ପରେ ଥାନାରୁ ପିଆର ବଣ୍ଡରେ ଛାଡ଼ିଦେଇଛନ୍ତି।

# ମୁଣ୍ଡମୁହାଣରେ ରାମ ଗୀତିନାଟ୍ୟ



ମୁଣ୍ଡମୁହାଣ ରାମ ନାଟ୍ୟ ସଂସଦ ପକ୍ଷରୁ କଳାକାରମାନେ ରାମଲୀଳା ନାଟକ ପରିବେଷଣ କରୁଛନ୍ତି।

ଯାଁଳା,୨୮।୪(ବୁଲା ବାରିକ)

ଜଟଣୀ ବ୍ଲକ ମୁଣ୍ଡମୁହାଣ ଗ୍ରାମର ପ୍ରଭୁ ରଘୁନାଥ ମନ୍ଦିର ପରିସରରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ରାମଲୀଳା ଏବେ ଧୁମ୍‌ଧାମରେ ପାଳିତ ହେଉଛି। ମୁଣ୍ଡମୁହାଣ ରାମ ନାଟ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି ରାମଲୀଳା ଦେଖିବାକୁ ସବୁଦିନ ବହୁ ଲୋକଙ୍କ ସମାଗମ ହେଉଛି। ୧୯୪୭ ମସିହାରେ ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ରଚିତ ଏହି ରାମ ଗୀତିନାଟ୍ୟକୁ ରଘୁନାଥ ଦେବଙ୍କୁ ଉତ୍ସର୍ଗ କରି ଗ୍ରାମର କିଛି ଉଦ୍ୟୋକ୍ତା ମାନସିକ କରି ଏହି ରାମଲୀଳା ଉତ୍ସବ ଆରମ୍ଭ କରିଥିଲେ। ଏହି ସମୟରେ ଗ୍ରାମରେ ଏକ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥାଏ। ମୁଣ୍ଡମୁହାଣ ଓ ତା' ଆଖପାଖ ଅଞ୍ଚଳର ବହୁ ଲୋକ ରାମ ନବମୀଠାରୁ ୧୪ ଦିନ ପର୍ଯ୍ୟନ୍ତ ବ୍ରତ ଧାରଣ କରି ଏଠାରେ ରହି ରାମ ଗୀତିନାଟ୍ୟ ପରିବେଷଣ କରୁଛନ୍ତି। ରାମ ଜନ୍ମ, ପାଠପଢ଼ା, ସୀତା ବିବାହ, ରାମ ବନବାସ, ମାୟା ମୃଗ, ସୀତା ଚୋରି, ବାଳି ବଧ, ଲଙ୍କାପୋଡ଼ି, ସେତୁବନ୍ଧ ପ୍ରତିଷ୍ଠା, ଲକ୍ଷ୍ମଣ ଶକ୍ତିଭେଦ ପରିବେଷଣ ସରିଥିବାବେଳେ ଇନ୍ଦ୍ରଜିତ ବଧ, ମହିରାବଣ ବଧ ଓ ରାବଣ ବଧ ଏବଂ ରାମାଭିଷେକ ଭଳି ଆକର୍ଷଣୀୟ ବିଷୟବସ୍ତୁ ବାକି ଅଛି। ରାମଲାଲାଙ୍କ ପୌରାଣିକ କଥାବସ୍ତୁକୁ ନେଇ ଏହି ବିଷୟବସ୍ତୁ ଦେଖିବାକୁ ସବୁଦିନ ପ୍ରବଳ ଜନସମାଗମ ହେଉଛି। ଆସନ୍ତା ବୁଧବାର ବ୍ରତଧାରୀ ବ୍ରତ ସମାପନ କରି ହଳଦୀ ପାଣି ପରେ ନିଜ ନିଜ ଘରକୁ ଫେରିବେ।

## ବୋଲେରୋ ଚୋରି, ମୁଖ୍ୟ ଅଭିଯୁକ୍ତ ଗିରଫ

ବୋଲଗଡ,୨୮।୪(ଦେବବ୍ରତ ହୋତା)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ପାନନଗର ଗ୍ରାମର କରୁଣାକର ଚମ୍ପତିଙ୍କ ଘର ଆଗରୁ ବୋଲେରୋ ଚୋରି ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଆନ୍ଧ୍ରପ୍ରଦେଶରୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଅନୀଲ ସାହୁ(୨୪)। ଗତ ମାର୍ଚ୍ଚ ୨୬ରେ ରାତିରେ ୪ଜଣ ଅଭିଯୁକ୍ତ ମିଶି ବୋଲେରୋ ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ସିସି ଟିଭି ଯାଞ୍ଚରୁ ବାଙ୍କୋଇ ଫାଣ୍ଡି ପୋଲିସ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ସହ ୩ ଅଭିଯୁକ୍ତ ଦୀପକ ସାହୁ (୨୪),ବାବୁ ରାଓ ଆଚାରୀ(୨୩)ଓ ତପନ ମଲ୍ଲିକ ଅରଫ ହାପି (୨୫)ଙ୍କୁ ଗିରଫ କରିଥିଲେ। ତେବେ ଅନୀଲ ଫେରାର ଥିଲେ। ବିଶେଷ ସୂତ୍ରରୁ ସୁରାକ ପାଇ ଫାଣ୍ଡି ଅଧିକାରୀ ଦିଲୀପ ସାହୁ ସଦଳବଳ ଆନ୍ଧ୍ରପ୍ରଦେଶରୁ ଅନୀଲଙ୍କୁ କାବୁ କରିଥିଲେ। ସମସ୍ତ ଅଭିଯୁକ୍ତ ରଣପୁର ଥାନା ଅଧୀନ ରାଜସୁନାଖଳା ଗ୍ରାମର ବୋଲି ଜଣାପଡ଼ିଛି। ତେବେ ଗାଡ଼ିଟି ବିକ୍ରି ହୋଇଯାଇଥିବାବେଳେ ଉଦ୍ଧାର ପାଇଁ ଉଦ୍ୟମ ଅବ୍ୟାହତ ଥିବା ଫାଣ୍ଡି ଅଧିକାରୀ ସାହୁ କହିଛନ୍ତି। ଅଭିଯୁକ୍ତଙ୍କୁ ଧରିବାରେ ଫାଣ୍ଡି ଅଧିକାରୀଙ୍କ ସହିତ ଏଏସ୍ଆଇ ତୁଷାରକାନ୍ତ ନାୟକ ଓ କନେଷ୍ଟବଳ ନର୍ମଦା ପ୍ରଧାନ ନିୟୋଜିତ ଥିଲେ।

## ସୁଜିତ ବଳବନ୍ତରାୟଙ୍କ ବାଇକ୍ ରାଲି



ସୁଜିତ ବଳବନ୍ତରାୟ ନିଜ ସମର୍ଥକମାନଙ୍କ ସହ ବାଇକ୍ ରାଲିରେ ଯାଉଛନ୍ତି।

ଜଟଣୀ,୨୮।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ନିର୍ବାଚନମଣ୍ଡଳୀ ସିଜୁଆ ଗ୍ରାମର ଯୁବ ସାମାଜିକ କର୍ମୀ ସୁଜିତ ବଳବନ୍ତରାୟ ଚଳିତ ୨୦୨୪ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ରୂପେ ନିର୍ବାଚନ ଲଢ଼ିବାକୁ ନିଜ ସମର୍ଥକଙ୍କ ସହିତ ପ୍ରସ୍ତୁତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ନରେ ଜଟଣୀ ବ୍ଲକରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ନିଜ ସମର୍ଥକଙ୍କ ସହିତ ସେ ବିରାଟ ବାଇକ୍ ରାଲି କରିଛନ୍ତି। ଜଟଣୀ ବ୍ଲକ ଅଧୀନ ତିରିମଲ, ବେଣାପଞ୍ଜରୀ ଏବଂ ପଦନପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଏହି ରାଲି ଅବସରରେ ସୁଜିତ ସୁସ୍ଥ ସୁନ୍ଦର ଏବଂ ଓଡ଼ିଶାରେ ଜଟଣୀ ନିର୍ବାଚନମଣ୍ଡଳୀଙ୍କୁ ଏକ ନମ୍ବର କରି ଗଢିତୋଳିବେ ବୋଲି କହିବା ସହିତ ନିଶା ଏବଂ ବେକାରୀ ମୁକ୍ତ ଜଟଣୀ କରି ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବେ ବୋଲି କହିଛନ୍ତି। ଏହି ରାଲିରେ ସହ ସମର୍ଥକ ଶୁଭେଚ୍ଛୁ ସାମିଲ ହୋଇଥିଲେ। ସୁଜିତଙ୍କ ରାଲି ତିରିମଲ ଛକଠାରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ପଦନପୁର ପଞ୍ଚାୟତଠାରେ ସମାପ୍ତ ହୋଇଥିଲା।

# ମଧୁବାବୁଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ କରାଯାଉ

ଖୋର୍ଦ୍ଧା, ୨୮।୪ (ପ୍ରଭାତ ପାଣିଗ୍ରାହୀ)





ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।



ବେଗୁନିଆଠାରେଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

ଖୋରଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଂସଦ ସଦନଠାରେ ଭାରତ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସ୍ୱାଭିମାନ ଦିବସ ରୂପେ ପାଳନ କରାଯାଇଛି। ସଭାରେ ଗବେଷକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ପୌରୋହିତ୍ୟ କରିଥିଲେ। ମଧୁବାବୁଙ୍କ ତ୍ୟାଗ, ଓଡ଼ିଆ ଅସ୍ମିତା ପ୍ରସଙ୍ଗ ଆଦି ଅନେକ ପ୍ରସଙ୍ଗରେ ଉପସ୍ଥାପନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରଫେସର ନାରାୟଣ ରାଓ, ମୁଖ୍ୟବକ୍ତା ଅଧାପକ ଡ. ଗୁରୁପ୍ରସାଦ ମହାପାତ୍ର, ଭୁବନେଶ୍ୱର ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ବୃନ୍ଦାବନ ପଣ୍ଡା, ବରିଷ୍ଠ ଆଇନଜୀବୀ ବିଜୟ ସାମନ୍ତସିଂହାର, ଗବେଷକ ଲକ୍ଷ୍ମୀଧର ବଡ଼ଜେନା ଓ ସୌଦାମିନୀ ପଟ୍ଟନାୟକ ଉପସ୍ଥିତ ଥିଲେ। ସଭାରେ ମଧୁସୂଦନଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ କରାଯାଉ ପ୍ରସ୍ତାବ ଗୃହିତ ହୋଇଥିଲା। ଅନେକ କବୟିତ୍ରୀ, କବି କବିତା ମାଧମରେ ଉତ୍କଳ ଗୌରବଙ୍କୁ ଶ୍ରଦ୍ଧା ନିବେଦନ କରିଥିଲେ। ଏହି ଅବସରରେ ଭୁବନେଶ୍ୱରସ୍ଥ ପ୍ରଶାସନିକ ପ୍ରତିଷ୍ଠାନ ଯୁଗ୍ମ ନିର୍ଦ୍ଦେଶକ ତଥା ସାହିତ୍ୟିକ ସୌମ୍ୟକାନ୍ତ ସୌମ୍ୟଦର୍ଶୀ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଗାଳ୍ପିକ ତପନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ସେହିପରି 'ଆମରି ସତ୍ୟ' ପକ୍ଷରୁ ମୁକୁନ୍ଦପ୍ରସାଦଠାରେ ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂଙ୍କ ଅଧ୍ୟକ୍ଷତାରେ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳସଚିବ ଡ. ନାରାୟଣ ରାଓ, ମୁଖ୍ୟବକ୍ତା ଡ. ଶରତ ଚନ୍ଦ୍ର ମହାପାତ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଓଡ଼ିଆ ପ୍ରତି ସ୍ୱାଭିମାନ, ସାରସ୍ୱତ ସାଧନା ସମ୍ପର୍କରେ କହିଥିଲେ। ଆମରିସତ୍ୟ ପ୍ରତିଷ୍ଠାତା ସମ୍ପାଦକ ଡ. ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ବିଜୟ ଚନ୍ଦ୍ର ମହାପାତ୍ରଙ୍କ ପୁସ୍ତକ 'ଭଗବାନ ଭରସା', ଏବଂ 'ସବୁ ଭିନ୍ନ ସ୍ୱାଦର' ପୁସ୍ତକ ଦୁଇଟି ଉନ୍ମୋଚିତ ହୋଇଥିଲା। ବିଜୟ ମହାପାତ୍ରଙ୍କୁ ଆମରିସତ୍ୟ ସମ୍ମାନ ପତ୍ର ପ୍ରଦାନ କରାଯାଇଥିଲା। ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ। କବିତା ପାଠୋତ୍ସବ ଜ୍ଞାନ ରଞ୍ଜନ ଦାଶଙ୍କ ସଭାପତିତ୍ୱ ଏବଂ ଆଦି ନାରାୟଣ ଖଣ୍ଡୁଆଳ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା।

**ବୋଲଗଡ଼, (ଦେବବ୍ରତ ହୋତା):** ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରସ୍ଥ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପ୍ରଧାନଶିକ୍ଷକ ପ୍ରମୋଦ ସ୍ୱାଇଁ ପୁଷ୍ପମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଶିକ୍ଷକ ଦୀପ୍ତି ରଞ୍ଜନ ଦାସ, ଅଂଶୁମାନ୍ ଧଳ ଏବଂ ଶିକ୍ଷୟିତ୍ରୀ ନମିତା ସାହୁ ଏଥିରେ ତତ୍ତ୍ୱାବଧାନ ଆଭାସୀ ପଦ୍ଧତିରେ କରିଥିଲେ। ବରିଷ୍ଠ ବିଭାଗରେ ନବମ ଏବଂ ଦଶମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୋଧଜ୍ଞାନ, କନିଷ୍ଠ ବିଭାଗରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ବିଦ୍ୟାର୍ଥୀଙ୍କ ମଧ୍ୟରେ 'ମଧୁସୂଦନ ଦାସଙ୍କ ଜନ୍ମ ଓ ପିଲାଦିନ' ପ୍ରସଙ୍ଗ ଉପରେ ପ୍ରବନ୍ଧ, ଉପକନିଷ୍ଠ ବିଭାଗରେ ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ବିଦ୍ୟାର୍ଥୀଙ୍କ ମଧ୍ୟରେ ମଧୁସୂଦନ ଦାସଙ୍କ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ବିଚିତ୍ର କୁମାର ଘଡ଼େଇ, ବିଶ୍ୱଜିତ୍ ସରୋଜ କୁମାର ଏବଂ ଶ୍ରୋତାଲିନ ସାହୁ ବିଚାରକ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ବରିଷ୍ଠ ବିଭାଗରେ ଶୁଭଶ୍ରୀ ପଣ୍ଡା, ରାକେଶ ସାହୁ ଏବଂ ଲିଜା ଚୌଧୁରୀ, କନିଷ୍ଠ ବିଭାଗରେ ଶୁଭଶ୍ରୀ ଶୁଭସ୍ମିତା ବେହେରା, ସିଦ୍ଧାନ୍ତ ଭୋଇ ଓ ସସ୍ମିତା ସାହୁ ଏବଂ ଉପକନିଷ୍ଠ ବିଭାଗରେ ଜାଗୃତି ପ୍ରଭା ସାହୁ, ସୌମ୍ୟାଶ୍ରୀ ସେନାପତି ଏବଂ ଓମ୍ ସାଇ ସେନାପତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରଧାନଶିକ୍ଷକ ସ୍ୱାଇଁଙ୍କ ସମେତ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ, ସ୍ୱର୍ଣ୍ଣଲତା ପ୍ରଧାନ, ସ୍ମିତାସିନ୍ଧୁ ମହାପାତ୍ର, ସୌଦାମିନୀ ପରିଡ଼ା ଓ ଶିକ୍ଷକ ବିଭୁପ୍ରସାଦ ମହାପାତ୍ର ଆଭାସୀ ପଦ୍ଧତିରେ ଓଡ଼ିଶାର ପ୍ରଗତି ପାଇଁ ମଧୁସୂଦନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରି କହିଥିଲେ। ମଧୁବାବୁଙ୍କ ବଳିଷ୍ଠ ପଦକ୍ଷେପରେ ଓଡ଼ିଶା ବହୁମୁଖୀ ବିକାଶ କରିଥିବା ମତ ପ୍ରକାଶ ପାଇଥିଲା। ଶିକ୍ଷୟିତ୍ରୀ ସୌଦାମିନୀ ସୁବୁଦ୍ଧି, ସ୍ନେହଲତା ପାଇକରାୟ ଏବଂ ସସ୍ମିତ କେଦାର କର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ବେଗୁନିଆ, (ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ଆଦର୍ଶ କ୍ଲବ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୬ତମ ପୁଣ୍ୟ ଜନ୍ମତିଥି ଅବସରରେ 'ସ୍ୱାଭିମାନ ଦିବସ' ରବିବାର ପାଳିତ ହୋଇଯାଇଛି। ଆୟୋଜକ କ୍ଲବ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ମାୟାଧର ପାଣିଗ୍ରାହୀ ମଙ୍ଗଳା ଚରଣ ପାଠ କରିବା ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ମଧୁସୂଦନଙ୍କ ରଚିତ 'ଉତ୍କଳ ସନ୍ତାନ' କବିତା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ 'ସନ୍ତାନର ଉକ୍ତି' କବିତା ଗାନ କରିଥିଲେ। ଏହି ଅବସରରେ ମଧୁସୂଦନଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ପରେ ସଭାପତି ସମସ୍ତଙ୍କୁ ସ୍ୱାଭିମାନ ସୁରକ୍ଷା ସମ୍ବନ୍ଧୀୟ ଶପଥପାଠ କରାଇଥିଲେ। ମୁଖ୍ୟ ଅତିଥି ଭାବେ ରସାୟନ ବିଜ୍ଞାନୀ ଡ. ହରିପ୍ରସାଦ ଦାସ, ମୁଖ୍ୟବକ୍ତା ଭାବେ ବାଗ୍ମୀ ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ଓ ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ଯୋଗ ଦେଇଥିଲେ। ମଧୁସୂଦନ ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, କବିକେତନ ଗୌରଚରଣ ସାମନ୍ତସିଂହାର, ଶିକ୍ଷାବିତ୍ ଶରତ ପଣ୍ଡା, ଦିବାକର ସାହୁ, ଗାୟକ ପ୍ରଦୀପ କିଶୋର ତ୍ରିପାଠୀ, ଜମ୍ମେଶର ମଙ୍ଗରାଜ, ବ୍ରଜବନ୍ଧୁ ପଣ୍ଡା ଓ ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ମଧୁସୂଦନଙ୍କ ସ୍ମୃତିଚାରଣ କରିଥିଲେ। ସଭ୍ୟା ସୁଶ୍ରୀ ସଂଘମିତ୍ରା ରଥ ଧନ୍ୟବାଦ ଦେଇଥିଲେ।

**ନିରାକାରପୁର,(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏଥିରେ ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଜେନା, ଖବରଦାତା ଉମେଶ ପଟ୍ଟନାୟକ, ଶ୍ୟାମସୁନ୍ଦର ପଟ୍ଟନାୟକ, ଶିକ୍ଷାବିତ୍ ଦୁଃଶାସନ ସେଠୀ, ଅମର ଜୟସିଂ, ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମଧୁସୂଦନଙ୍କ ଜୀବନଶୈଳୀ ବିଷୟରେ ଆଲୋକପାତ କରିଥିଲେ।

**ଟାଙ୍ଗୀ-ଖୋର୍ଦ୍ଧା, (ରଘୁନାଥ ସାହୁ):** ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପ୍ରଭୁ ଶ୍ରୀବଳରାମ ଦେବ ମନ୍ଦିର ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଦିନ ଅବସରରେ ସ୍ୱାଭିମାନ ଦିବସ ରବିବାର ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଂଯୋଜକ ବିଜୟ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଅଞ୍ଚଳର ଶିକ୍ଷାବିତ୍, ଖବରଦାତା, ଆଇନଜୀବୀ, କବି, ସାହିତ୍ୟିକମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ମଧୁସୂଦନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପରେ ତାଙ୍କ ରଚିତ କବିତା ପାଠ କରାଯାଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଭୂମିକା ଓଡ଼ିଆ ଜାତିର ସର୍ବଦା ସ୍ମରଣୀୟ। ତେଣୁ ତାଙ୍କର ଜୀବନ ଦର୍ଶନକୁ ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନ ପାଇବା ଓ ଉତ୍କଳ ଗୌରବ ଦାସଙ୍କୁ ଭାରତରତ୍ନ ପ୍ରଦାନ କରିବାକୁ ଦାବି ରଖିଥିଲେ। ବୈଠକରେ ଡାକ୍ତର ମଧୁସୂଦନ ସେନାପତି, ମହେଶ୍ୱର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ବଳବନ୍ତରାୟ, ଆଇନଜୀବୀ ବିଶ୍ୱଜିତ୍ ରାଉତରାୟ, ଖବରଦାତା ରଘୁନାଥ ସାହୁ, ମନୋଜ ପଟ୍ଟନାୟକ, ଦିବ୍ୟ ଲୋଚନ ଭାରିମଲ, କୁନ୍ତଳା ସାହୁ, ଶଶୀରେଖା ନାଥଶର୍ମା ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଖବରଦାତା ରାଜକିଶୋର ଦାଶଙ୍କ ପରଲୋକ



**ବଳଙ୍ଗା,୨୮।୪(କେଦାରେଶ୍ୱର ନନ୍ଦ):**

ବଳଙ୍ଗା ଅଞ୍ଚଳର ବରିଷ୍ଠ ଖବରଦାତା ରାଜକିଶୋର ଦାଶ(୬୭)ଙ୍କ ରବିବାର ମଧ୍ୟାହ୍ନରେ ଉଚ୍ଛୁପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ବାସ ଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ମାନସ ରଞ୍ଜନ ଦାଶ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଦାଶ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିବାବେଳେ ବଳଙ୍ଗା ପ୍ରେସ୍ କ୍ଲବର ଉପଦେଷ୍ଟା ଓ ଖବରଦାତା କ୍ଷେତ୍ରରେ କାର୍ଯ୍ୟ କରି ବଳଙ୍ଗା ଅଞ୍ଚଳର ବିଭିନ୍ନ ସମସ୍ୟାକୁ ପ୍ରଶାସନର ଦୃଷ୍ଟିକୁ ଆଣି ସର୍ବଦା ନ୍ୟାୟ ପାଇଁ ଲଢେଇ କରି ଆସୁଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ଝାଡ଼ାବାନ୍ତି ବ୍ୟାପିଥିବା ଅଞ୍ଚଳରେ ଔଷଧ ବାଣ୍ଟିଲା ସ୍ୱାସ୍ଥ୍ୟ ବିଭାଗ

**ପୁରୀ,୨୮।୪(ଅଜିତ୍ ମହାନ୍ତି)**

ପୁରୀ ପୌରସଂସ୍ଥା ଅନ୍ତର୍ଗତ ବାଲିସାହିର ଶ୍ୱେତଗଙ୍ଗା ଲେନ୍ ଓ ବରାହୀ ଲେନ୍ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପୁଛି। ଝାଡ଼ାବାନ୍ତିରେ ସ୍ଥାନୀୟ ଲୋକେ ଆକ୍ରାନ୍ତ ହେବା ସହ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଥିଲା। ମୁଖ୍ୟତଃ ଦୂଷିତ ପାଣି ଯୋଗୁ ଝାଡ଼ାବାନ୍ତି ବ୍ୟାପିଥିବା ଅନୁମାନ କରାଯାଉଛି। ତେଣୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇଛି। ଟିମ୍ ପୁରୀ ପୌରାଞ୍ଚଳର ୱାର୍ଡ ନମ୍ବର-୯ର ଶ୍ୱେତଗଙ୍ଗା ଲେନ୍, ବରାହୀ ଲେନ, ଧାନକୋଠି ସାହି, ଭଣ୍ଡାରିଲେନ୍‌ରେ ଥିବା ୨୫୬ ଘର ପରିଦର୍ଶନ କରିବା ସହିତ ତରଳ ଝାଡ଼ା ଓ ବାନ୍ତିରୁ ଉପଶମ ନିମନ୍ତେ ଓଆରଏସ୍ ପ୍ୟାକେଟ ଏବଂ ଔଷଧ ବଣ୍ଟନ କରାଯାଇଛି। ଲୋକଙ୍କୁ ହାଲୋଜିନ୍ ବଟିକା ବଣ୍ଟାଯିବା ସହ ଫୁଟାପାଣି ପିଇବା ପାଇଁ ପରାମର୍ଶ ଦିଆଯାଇଛି। ମେଡିକାଲ କଲେଜର ଟିମ୍ ଝାଡ଼ାବାନ୍ତି ବ୍ୟାପିଥିବା ଅଞ୍ଚଳ ପରିଦର୍ଶନ କରି ବିଭିନ୍ନ ବିଷୟ ଉପରେ ଗୁରୁତ୍ୱାରୋପ କରିବା ସହ ରୋଗୀଙ୍କୁ ସଚେତନ କରାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପରିଦର୍ଶନରେ ଯାଇ ରୋଗୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏକ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲାଯାଇ ରୋଗୀଙ୍କୁ ସେବା ପ୍ରଦାନ କରାଯାଉଛି।

# ଆଜିଠୁ ନାମାଙ୍କନପତ୍ର ଦାଖଲ ଆରମ୍ଭ

**ପୁରୀ,୨୮।୪(ଅଜିତ୍ ମହାନ୍ତି)**

ପୁରୀ ଜିଲାର ୨ଟି ଲୋକ ସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଟି ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ୧୭ ପୁରୀ ଲୋକସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୧୦୭ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ, ୧୦୮ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ, ୧୦୯ ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀ ଓ ୧୧୦ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୬ଷ୍ଠ ପର୍ଯ୍ୟାୟରେ ମେ ୨୫ରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ୭ମ ପର୍ଯ୍ୟାୟରେ ୧୬ ଜଗତସିଂହପୁର ଲୋକ ସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୧୦୫ କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୧୦୬ ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜୁନ ୧ରେ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ୬ଷ୍ଠ ପର୍ଯ୍ୟାୟ ମେ ୨୫ ତାରିଖ ନିର୍ବାଚନ ପାଇଁ ଏପ୍ରିଲ ୨୯ରେ ବିଜ୍ଞପ୍ତି ପ୍ରକାଶ ସହ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ମେ ୬ ରଖାଯାଇ ଥିବାବେଳେ ମେ ୭ରେ ପ୍ରାର୍ଥିପତ୍ର ଗୁଡ଼ିକୁ ଯାଞ୍ଚ କରାଯିବ। ମେ ୯କୁ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି। ତେବେ ପୁରୀ ଲୋକ ସଭା ନିର୍ବାଚନ ମଣ୍ଡଳୀ ପାଇଁ ଜିଲାପାଳ ସ୍ୱାଇଁ ରିଟର୍ନିଂ ଅଫିସର ଥିବାବେଳେ ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଉପଜିଲାପାଳ ଗୋପୀନାଥ କୁଅଁର, ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝି ରିଟର୍ନିଂ ଅଫିସର ଦାୟିତ୍ୱ ତୁଲାଇବେ। ଷଷ୍ଠ ପର୍ଯ୍ୟାୟ ମତଦାନ ପାଇଁ ୨୯ ତାରିଖରେ ପୁରୀ ସଂସଦୀୟ କ୍ଷେତ୍ରରୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ନାମଙ୍କନ ପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି। ପାତ୍ର ପିପିଲିଠାରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିବେ। ତାଙ୍କ ସହ ପିପିଲି ବିଧାୟକ ପ୍ରାର୍ଥୀ ତଥା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ଓ ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ସୂଚନା ମିଳିଛି। ସେହିପରି ବିଜୁ ଜନତା ଦଳର ସତ୍ୟବାଦୀ ବିଧାନସଭା ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇଥିବା ସଞ୍ଜୟ ଦାସବର୍ମା ତାଙ୍କ ସମର୍ଥକଙ୍କ ସହ ଆସି ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟାନ୍ୟ ଦଳର ପ୍ରାର୍ଥୀମାନେ ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିବାର ସମ୍ଭାବନା ରହିଛି। ତେବେ ନାମଙ୍କନ ପତ୍ର ଦାଖଲକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଏସ୍‌ପି ପିନାକ ମିଶ୍ର କହିଛନ୍ତି। ନିର୍ବାଚନ କମିଶନଙ୍କ ଗାଇଡ ଲାଇନ ଠିକ୍ ଭାବରେ ପ୍ରାର୍ଥୀମାନେ ଅନୁପାଳନ କରୁଛନ୍ତି କି ନାହିଁ ତାହାର ତଦାରଖ କରାଯିବା ସହ ପୋଲିସ ପକ୍ଷରୁ ଗାଡଇ ଲାଇନ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ମିଶ୍ର କହିଛନ୍ତି। ଅପରପକ୍ଷରେ ଲୋକଙ୍କର ଯେପରି କୌଣସି ଅସୁବିଧା ନ ହେବ ସେଥିପାଇଁ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ସିନିୟର ଅଫିସରଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହେବ ବୋଲି ଏସ୍‌ପି ଆଶା ପ୍ରକାଶ କରିଛନ୍ତି।



ପୁରୀ ସଦାଶିବ ପରିସରରେ ସଂକଳ୍ପ ଫାଉଣ୍ଡେଶନର ବାର୍ଷିକ ଉତ୍ସବରେ ଫାଉଣ୍ଡେଶନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

## ୧୧୫ ଗାଡ଼ିରୁ ୧୧ ଲକ୍ଷ ୭୯ ହଜାର ୫୦୦ ଟଙ୍କା ଜରିମାନା ଆଦାୟ

**ପୁରୀ,୨୮।୪(ଅଜିତ୍ ମହାନ୍ତି):**

ଟ୍ରାଫିକ ନିୟମ ଉଲ୍ଲଂଘନ କରି ମଦପାନ କରି ଗାଡ଼ି ଚଳାଇବା ମାମଲାରେ ପୁରୀ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଗତ ୪୫ ଦିନ ହେବ କରାଯାଉଛି। ଏହି ସ୍ୱତନ୍ତ୍ର ଅଭିଯାନ ସମ୍ପର୍କରେ ସୂଚନା ଦେଇ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ପୁରୀ ଏକ ଧାର୍ମିକ ତଥା ପର୍ଯ୍ୟଟନ ସ୍ଥଳୀ। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ତେଣୁ ସେମାନଙ୍କ ସୁରକ୍ଷା ଦିଗରେ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ତାହାରି ମଧ୍ୟରେ ଏହି ସ୍ୱତନ୍ତ୍ର ଡ୍ରାଇଭ ଅନ୍ୟତମ । ଏହି ଡ୍ରାଇଭ ଫଳରେ ରାତିରେ ମଦ୍ୟପାନ କରି ଗାଡ଼ି ଚଳାଇବା ଦ୍ୱାରା ହୋଉଥିବା ଦୁର୍ଘଟଣା ବହୁ ସଂଖ୍ୟାରେ କମିଛି। ବିଗତ ୪୫ ଦିନ ମଧ୍ୟରେ ମୋଟ ୧୧୫ ଗାଡ଼ିକୁ ସିଜ କରାଯାଇ ଫାଇନ ଆଦାୟ କରାଯାଇଛି। ସେଥି ମଧ୍ୟରୁ ୮୯ଟି ୨ ଚକିଆ ଗାଡ଼ି ଥିବାବେଳେ ୨୬ଟି ଅନ୍ୟ ଗାଡ଼ି ରହିଛି। ସେହିଭଳି ଅମାନିଆଙ୍କଠାରୁ ୧୧ ଲକ୍ଷ ୭୯ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗକୁ ମଧ୍ୟ ଏହି ଡ୍ରାଇଭ ଚାଲୁ ରହିବ ବୋଲି ଏସ୍‌ପି ମିଶ୍ର କହିଛନ୍ତି।

## ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା ପାଇଁ ଆହ୍ୱାନ




ବେରବୋଇ ଗାନ୍ଧୀପୀଠରେ ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଉଛି ।

**ଡେଲାଙ୍ଗ,୨୮।୪(ରଶ୍ମୀରଞ୍ଜନ ପ୍ରଧାନ):**

ଡେଲାଙ୍ଗ ବ୍ଲକସ୍ଥିତ ବେରବୋଇ ଗାନ୍ଧୀପୀଠ ପରିସରରେ ରବିବାର ସଂସ୍କୃତିପ୍ରେମୀ ତଥା ଶିକ୍ଷକ ଅଭୟଚରଣ ସାହୁଙ୍କ ଆବାହକତ୍ୱରେ ମଧୁବାବୁଙ୍କ ୧୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଭାରେ ସାରସ୍ୱତ ସାଧକ ପ୍ରଭାତ କୁମାରୀ ସେଠୀ ଅଧ୍ୟକ୍ଷତା କରିଥିବାବେଳେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଦସ୍ୟ ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ଶିକ୍ଷାବିତ୍ କୁନ୍ତଳା ବିଶ୍ୱାଳ, କୈଳାସ ସ୍ୱାଇଁ, ଫକୀର ଦାସ, ସାହିତ୍ୟିକ କାଶୀନାଥ ମହାପାତ୍ର, ରୋହିତ ଚମ୍ପତି, ଜିତେନ୍ଦ୍ରନାଥ ପ୍ରଧାନ, କସ୍ତୁରବା ସଞ୍ଚାଳିକା କବିତାରାଣୀ ପରିଡା ପ୍ରମୁଖ ଯୋଗଦେଇଥିଲେ। ମଧୁବାବୁଙ୍କ ଓଡ଼ିଆ ଜାତି ପ୍ରତି ଥିବା ଅବଦାନ, ଓଡିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ପ୍ରଚେଷ୍ଟା, ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠାର ମହତ୍ତ୍ୱ, ବିଚକ୍ଷଣ ଆଇନଜ୍ଞ, ପୁରୀ ଗଜପତିଙ୍କ ସମ୍ମାନ ରକ୍ଷା, ନିଃସ୍ୱାର୍ଥପର ସେବା ଓ ଉତ୍କଳ ସମ୍ମିଳନୀ ଗଠନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ସେହିପରି ଓଡ଼ିଆ ଜାତି ଓ ଭାଷା ସାହିତ୍ୟର ସ୍ୱାଭିମାନକୁ ବଜାୟ ରଖିବା ପାଇଁ ସମସ୍ତେ ଆଗେଇଆସିବାକୁ ସଭାରେ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ସ୍ୱରଚିତ କବିତା ପାଠ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଅତିଥିମାନେ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। କବି ଦ୍ୱିତୀକୃଷ୍ଣ ମହାନ୍ତି, କବୟିତ୍ରୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁ, ସମାଜସେବୀ ଭାଗୀରଥି ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଉତ୍କଳ ସମ୍ମିଳନୀ ପକ୍ଷରୁ ଜିଲା ଶାଖାର ଉପସଭାପତି ଅନାମ ମଲ୍ଲିକଙ୍କ ପୌରୋହିତ୍ୟରେ ଡେଲାଙ୍ଗ ବଜାରରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଇନଜୀବୀ ହୃଷିକେଶ ପାଢୀ, ସୁରେଶ ଚନ୍ଦ୍ର ମନ୍ତ୍ରୀ, ସ୍ନେହମୟୀ ରାଉତ ପ୍ରମୁଖ ମଧୁବାବୁଙ୍କ ଜୀବନୀ ଓ ଦେଶ ସେବା ସମ୍ପର୍କରେ ଅଲୋକପାତ କରିଥିଲେ ।

# ସାହିତ୍ୟ ସଭ୍ୟତାର ଅସ୍ତିତ୍ୱ, ଭାଷା ହେଉଛି ଜାତିର ଅସ୍ମିତ

**ଅସ୍ତରଙ୍ଗ,୨୮।୪(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା):**

### ବେଳାଭୂମି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ସାହିତ୍ୟ ସଭ୍ୟତାର ଅସ୍ତିତ୍ୱ, ଭାଷା ହେଉଛି ଜାତିର ଅସ୍ମିତ। ଭାଷା ବଞ୍ଚିଲେ ଜାତି ବଞ୍ଚିବ ଓ ସାହିତ୍ୟ ମଧ ଚିରକାଳ ସମୃଦ୍ଧ ହେବ। ଅସ୍ତରଙ୍ଗ ବ୍ଲକ ପିରଜାହାନିଆ ବେଳାଭୂମିରେ ନିକଟ କଲ୍ୟାଣ ମଣ୍ଡପଠାରେ ବେଳାଭୂମି ସାହିତ୍ୟ ସଂସଦର ସପ୍ତମ ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ ଏହା କହିଥିଲେ। ସଂସଦ ସଭାପତି ଚିତ୍ତରଞ୍ଜନ ବିଶାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଶଶୀଧର ପଣ୍ଡା, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଅତିଥି ବ୍ୟଙ୍ଗ କବି ସମ୍ପଦ ରଥ, ସମ୍ମାନିତ ଅତିଥି ନିତ୍ୟାନନ୍ଦ ଶତପଥୀ, ପ୍ରଶାନ୍ତ ଶତପଥୀ, ମହନ୍ତ ତ୍ରିଲୋଚନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ କବିତା ଆସର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କଳ୍ପନା ବିଶ୍ୱାଳ ଓ ଗଙ୍ଗାଧର ଓଝା ପରିଚାଳନା କରିଥିବାବେଳେ ସୌଦାମିନୀ ତ୍ରିପାଠୀ, ବସନ୍ତ ମଞ୍ଜରୀ ଦାସ, ସବିତା ପୃଷ୍ଟି, ବି ପ୍ରସାଦ ରାଓ, ଦିପା ପ୍ରଧାନ, ହୃଦାନନ୍ଦ ସାସମଲ, ଗଙ୍ଗାଧର ବେହେରା ପ୍ରମୁଖ ବହୁ କବୟିତ୍ରୀ କବି ତାଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦ ସାଧାରଣ ସମ୍ପାଦକ ତଥା ବରିଷ୍ଠ ଖବରଦାତା ଦୁଃଶାସନ ନାୟକ, ସଂସଦର ବିବରଣୀ ପାଠ କରିବା ସହ, ସଂସଦର ଆଗାମୀ ଦିନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୪୦ଜଣ କବୟିତ୍ରୀ, କବି, କଳାକାର, ସାମାଜିକ କର୍ମୀଙ୍କୁ ସଂସଦ ପକ୍ଷରୁ ମାନପତ୍ର, ଫୁଲତୋଡ଼ା, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଯୋଜକ ଶୋଭକର ବେହେରା ମଞ୍ଚ ପରିଚାଳନା କରିଥିବାବେଳେ କବୟିତ୍ରୀ ସବିତା ପୃଷ୍ଟି ଧନ୍ୟବାଦ ଦେଇଥିଲେ।




ବେଳାଭୂମି ସାହିତ୍ୟ ସଂସଦର ସପ୍ତମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

## ଚନ୍ଦନଯାତ୍ରା ପାଇଁ ପାଣିରୁ କଢାଗଲା ନନ୍ଦା, ଭଦ୍ରା

**ସାକ୍ଷୀଗୋପାଳ, ୨୮।୪(ଭରତ ରାଉତ)**

ପ୍ରଭୁ ସାକ୍ଷୀଗୋପାଳଙ୍କ ଚନ୍ଦନଯାତ୍ରା ପାଇଁ ରବିବାର ପୋଖରୀରୁ ନନ୍ଦା, ଭଦ୍ରା ଡଙ୍ଗା କଢାଯାଇଛି। ବର୍ଷକୁ ଥରେ ପାଣିରୁ ବାହାରନ୍ତି ନନ୍ଦା ଓ ଭଦ୍ରା। ବର୍ଷକ ସାରା ପାଣିରେ ବୁଡ଼ି ରହିଥାନ୍ତି। ଆଗାମୀ ମେ ୧୦ ତାରିଖରେ ସାକ୍ଷୀ ଗୋପୀନାଥଙ୍କ ଚନ୍ଦନଯାତ୍ରା ଅନୁଷ୍ଠିତ ହେବ। ଏହି ଦିନ ପୁରୀ ଘୋଷଯାତ୍ରା ପାଇଁ ରଥକାଠ ଅନୁକୂଳ ପାଇଁ ପରମ୍ପରା ରହିଛି। ସେହିପରି ଚାଷୀ ଏହି ଦିନ ମୁଠି ଅନୁକୂଳ କରିଥାଏ। ଏହି ଅବସରରେ ପାଣିରେ ବୁଡ଼ି ରହିଥିବା ନନ୍ଦା ଓ ଭଦ୍ରା ଡଙ୍ଗା ଦୁଇଟିକୁ ମନ୍ଦିରର ଭୋଇ ସେବକମାନେ ପାଣିରୁ କାଢିଥାନ୍ତି। ଚୈତ୍ର ପୂର୍ଣ୍ଣମା ଦିନ ଚନ୍ଦନଯାତ୍ରା ପାଇଁ କରାଯାଇଥିବା ଛାମୁଣ୍ଡିଆ ପାଇଁ ଭୋଇ ସେବାୟତମାନଙ୍କ ଦ୍ୱାରା ଖୁଣ୍ଟି ଅନୁକୂଳ ହୋଇସାରିଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ କରାଯାଉଥିବା ସୂଚନା ମିଳିଛି।

## ବିଧାୟକ ପ୍ରାର୍ଥୀ ଦିଲୀପଙ୍କ ଶକ୍ତି ପ୍ରଦର୍ଶନ



ବିଜେଡି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକଙ୍କ ଶୋଭାଯାତ୍ରା ।

**ନିମାପଡ଼ା,୨୮।୪(ରଞ୍ଜନ ପଟ୍ଟନାୟକ):**

ନିମାପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ ରବିବାର ବାଇକ ରାଲି କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ଏଥିରେ ବହୁ ସଂଖ୍ୟକ କର୍ମୀ ଏବଂ ସମର୍ଥକ ସାମିଲ ହୋଇଥିଲେ। ଦିଲୀପଙ୍କ ସହିତ ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ଡ. ରାଜଶ୍ରୀ ମଲ୍ଲିକ ସାମିଲ ଥିଲେ। ଉଭୟ ନିମାପଡ଼ା ଦୋଳବେଦୀ ଛକଠାରେ ଯୋଡ଼ା ଶଙ୍ଖରେ ଭୋଟ ଦେଇ ୬ଷ୍ଠ ଥର ନିମନ୍ତେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ। ଶୋଭାଯାତ୍ରାରେ ନିମାପଡ଼ା ନଗରପାଳ ସସ୍ମିତା ସାହୁ, ପୁରୀ ଜିଲା ବିଜେଡି ଉପସଭାପତି ସତ୍ୟବାଦୀ ମହାପାତ୍ର, କାଉନସିଲର ଧନୁର୍ଦ୍ଧର ଦାଶ ଏବଂ ପ୍ରଦୀପ୍ତ ନାୟକ ସାମିଲ ହୋଇଥିଲେ। ଶୋଭାଯାତ୍ରାର ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ସତ୍ୟବାଦୀ ଆଇନଜୀବୀ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ

**ସାକ୍ଷୀଗୋପାଳ,୨୮।୪(ଭରତ ରାଉତ/ ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର):**

ସତ୍ୟବାଦୀ ଆଇନୀଜୀ ସଂଘ ପକ୍ଷରୁ ଆଧୁନିକ ଓଡ଼ିଶାର ନିର୍ମାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ରବିବାର ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ସଭାଗୃହରେ ପାଳିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ତହସିଲଦାର ଆଲୋକ କୁମାର ଦେହୁରୀ ଓ ବରିଷ୍ଠ ଆଇନଜୀବୀ ଗୁଣ୍ଡିଚା ବରାଳ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ଜୀବନ ଦର୍ଶନ ବିଷୟରେ ଆଲୋକପାତ କରିଥିଲେ୦ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ବାଳକୃଷ୍ଣ ମହାପାତ୍ର ସଭାପତିତ୍ୱ କରିଥିଲେ। ସମ୍ପାଦକ ଦେବଦତ୍ତ ସାମନ୍ତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂଘର ଉପସଭାପତି ଭାସ୍କର ନାୟକ ମଧୁବାବୁଙ୍କ ଓକିଲାତି ଜୀବନର କାହାଣୀ ବିଷୟରେ ବକ୍ତବ୍ୟ ରଖିଥିଲେ। ସଭାରେ ଆଇନଜୀବୀ ରବୀନ୍ଦ୍ର ଦାଶ, ସୁଶାନ୍ତ କୁମାର ରଥ, ସୁନୀଲ କୁମାର ନାୟକ, ଭଗବାନ ରଥ, ଅମ୍ବିକା ଶଙ୍କର ମହାପାତ୍ର, ଉପେନ୍ଦ୍ର ବିଶ୍ୱାଳ, ଅଜିତ ଚୌଧୁରୀ, ସନ୍ତୋଷ ବେହେରା, ଅଞ୍ଜନ କୁମାର ହୋତା, ଚିନ୍ମୟ ନାୟକ, ମୋହନ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନୂଆ ସକାଳ ସାମାଜିକ ସଙ୍ଗଠନ ତରଫରୁ ମଧୁସୂଦନ ଦାସଙ୍କ ୧୭୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଙ୍ଗଠନର ସଦସ୍ୟ ଶିକ୍ଷକ ଦେବ ସାର୍, ତୋଫାନ ପାଇକରାୟ, ପ୍ରଣତି ପାଇକରାୟ, ପବିତ୍ର କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



ସତ୍ୟବାଦୀ ଆଇନଜୀବୀ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳନ କରାଯାଉଛି ।

# ନିମ୍ନମାନର କାର୍ଯ୍ୟ ଅଭିଯୋଗ ଆଣିଲେ ବିଜେଡି, କଂଗ୍ରେସ

**ପୁରୀ,୨୮।୪(ଅଜିତ୍ ମହାନ୍ତି)**

### ପୁରୀ ରେଳଷ୍ଟେଶନ ଛାତ ଭୁଶୁଡ଼ିବା ଘଟଣା

■ ରାଜନୀତି କରା ନ ଯାଉ: ବିଧାୟକ ଜୟନ୍ତ ଷଡ଼ଙ୍ଗୀ



ପୁରୀ ରେଳଷ୍ଟେଶନଠାରେ ନିର୍ମାଣାଧୀନ ବିଲ୍ଡିଂର ଛାତ ଭୁଶୁଡ଼ିବା ଘଟଣା ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଛି। ଘଟଣା ପରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ତଦନ୍ତ ଦାବି କରିଛନ୍ତି। ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ସମେତ ରେଳଷ୍ଟେଶନଠାରେ ବିଜେଡି, ଭାଜପା, କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟିର ନେତାମାନେ ପହଞ୍ଚିଥିଲେ। ବିଜେଡିର ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାନସଭା ବିଜେଡି ପ୍ରାର୍ଥୀ ସୁନିଲ୍ ମହାନ୍ତି, ପୁରୀ କଂଗ୍ରେସ ବିଧାନସଭା ପ୍ରାର୍ଥୀ ସୁଜିତ ମହାପାତ୍ର, ଏଏପିର ବିଧାନସଭା ପ୍ରାର୍ଥୀ ସତ୍ୟଜିତ ମହାନ୍ତି ଏବଂ ଭାଜପା ନେତା ତଥା ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ଆହତ ଶ୍ରମିକମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ସୁନିଲ ମହାନ୍ତି କହିଛନ୍ତି, କାର୍ଯ୍ୟରେ ତ୍ରୁଟି ରହିଛି। ନିମ୍ନମାନର କାର୍ଯ୍ୟ ହୋଇଛି। ଫଳରେ ଏପରି ଅଘଟଣ ଘଟିଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ। ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଏହି ଘଟଣା ଦୁଃଖଦାୟକ। ଏକ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅବହେଳା ରହିଛି। ନିମ୍ନମାନର କାର୍ଯ୍ୟ କରାଯାଉଛି। ମାତ୍ର ନିର୍ବାଚନକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ଡିଣ୍ଡିମ ପିଟୁଛନ୍ତି। ଆହତମାନେ ତୁରନ୍ତ ଆରୋଗ୍ୟ ହୁଅନ୍ତୁ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି। ତେବେ ଏହିଭଳି ନିମ୍ନମାନର କାର୍ଯ୍ୟର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ବୋଲି ଖୁଣ୍ଟିଆ ଦାବି କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ସୁଜିତ୍ ମହାପାତ୍ର ସୁରକ୍ଷା ବ୍ୟବସ୍ଥାକୁ ଦାୟୀ କରିଛନ୍ତି। ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ତଥା ସେଫ୍ଟି ସାମଗ୍ରୀର ଅଭାବ ପାଇଁ ଏପରି ଅଘଟଣ ଘଟିଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ସହ ଶ୍ରମିକଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ମହାପାତ୍ର ଦାବି କରିଛନ୍ତି। ବିଧାୟକ ଜୟନ୍ତ ଷଡଙ୍ଗୀ କହିଛନ୍ତି, ଦୁର୍ଘଟଣା ସମୟରେ ରାଜନୀତି ନ କରି ଶ୍ରମିକମାନେ କିଭଳି ଖୁବ୍‌ଶୀଘ୍ର ସୁସ୍ଥ ହେବେ ତାହା କାମନା କରାଯାଉ। କାମ ବେଳେ ସେଣ୍ଟ୍ରିଂରେ ତ୍ରୁଟି ରହିଥାଇପାରେ, କିନ୍ତୁ କାମ ନିମ୍ନମାନର ନୁହେଁ। ଯେଉଁମାନେ ନିମ୍ନମାନର କହୁଛନ୍ତି, ସେମାନେ ଏ ସ୍ଥାନକୁ ଆସି କାମ ତଦାରଖ କରିନାହାନ୍ତି। ଯଦି ଠିକାଦାର ତ୍ରୁଟି କରିଥାନ୍ତି ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ମତ ଦେଇଛନ୍ତି। ଦୁର୍ଘଟଣାର କାରଣ ସାମ୍ନାକୁ ଆସିବା ଦରକାର। ଅନ୍ୟପକ୍ଷରେ ଏହାକୁ ଏକ ବିଶ୍ୱସ୍ତରୀୟ ରେଳଷ୍ଟେଶନ ନିର୍ମାଣ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟ ଜାରି ରହିଛି। ତେଣୁ ନିର୍ମାଣ କାର୍ଯ୍ୟରେ ସମସ୍ତ ଗାଇଡ ଲାଇନ ଅନୁପାଳନ କରାଯିବା ଉଚିତ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି।

# ରାହୁଲ ଗାନ୍ଧୀଙ୍କ ସାଲେପୁର ଗସ୍ତରେ କଂଗ୍ରେସ କର୍ମୀ ଉତ୍ସାହିତ

ନିଶ୍ଚିନ୍ତକୋଇଲି/ସାଲେପୁର, ୨୮।୪ (ଅଶୋକ କୁମାର ମହାପାତ୍ର/ଅରବିନ୍ଦ ଭୂୟାଁ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସାଲେପୁର ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ସତ୍ୟଭାମପୁରସ୍ଥିତ ମଧୁବାବୁଙ୍କ ଏନ୍ତୁଡ଼ିଶାଳ ଗସ୍ତ କରିବା ପରେ ନିଶ୍ଚିନ୍ତକୋଇଲି ବ୍ଲକ କୁଳିଆପଡ଼ିଆଠାରେ କଂଗ୍ରେସ ସମାବେଶରେ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ।ଏହାପରେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।



ମଧୁବାବୁଙ୍କ ଅନ୍ତୁଡ଼ିଶାଳରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜ ଅଭିମତ ଲେଖୁଛନ୍ତି।





ଦୁଇ ଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

## ମଧୁବାବୁଙ୍କ ଜନ୍ମପୀଠ ବୁଲିଲେ ଓ ଅନ୍ତୁଡ଼ିଶାଳରେ ବସିଲେ

ରାହୁଲ ଗାନ୍ଧୀ ହେଲିକାପ୍ଟର ଯୋଗେ ୧୨ଟା ୧୫ରେ ସତ୍ୟଭାମାପୁରସ୍ଥିତ ମଧୁବାବୁଙ୍କ ଜନ୍ମ ପୀଠରେ ପହଞ୍ଚି ଥିଲେ। ସେଠାରେ ପ୍ରଥମେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ପରେ ମଧୁବାବୁଙ୍କ ଅନ୍ତୁଡିଶାଳକୁ ଯାଇ ସେଠାରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଯଦି କଂଗ୍ରେସ ସରକାର ଆସେ ତେବେ ଏହି ପୀଠର ବିକାଶ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେଠାରେ ନିଜ ସ୍ୱାକ୍ଷର କରିବା ସହ ଅଭିମତ ମଧ୍ୟ ଲିଖିତ ଆକାରରେ ଦେଇଥିଲେ।

## କୁନି କରାଟେ ଛାତ୍ରୀଙ୍କ ସହ ଆଲୋଚନା

ରାହୁଲ ଗାନ୍ଧୀ ମଧୁବାବୁଙ୍କ ଜନ୍ମପୀଠରେ ପହଞ୍ଚିବା ପରେ କସ୍ତୁର୍ବ ଟ୍ରଷ୍ଟରେ ପହଞ୍ଚି ସେଠାରେ ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ସ୍ଥାନୀୟ ବିଦ୍ୟାଳୟର ଏକ ଛାତ୍ରୀ ମୋନାଲିସା ସାହୁଙ୍କ କରାଟି ପ୍ରତିଭା ଦେଖିଥିଲେ। ତାଙ୍କ ସହ କରାଟେର ବିଭିନ୍ନ କୌଶଳ ଶିଖିବା ସହ ଶିଖେଇଥିଲେ। ଏହି ଘଟଣା ପିଲାମାନଙ୍କ ମଧ୍ୟରେ ଏକ ନିଆରା ଭାବାବେଗ ସୃଷ୍ଟି କରିଥିଲା। ଏହାପରେ ସେ ନିଶ୍ଚିନ୍ତକୋଇଲ ବ୍ଲକର କୂଳିଆ ପଡ଼ିଆରେ ଆୟୋଜିତ କର୍ମୀ ସମାବେଶରେ ଯୋଗଦେଇଥିଲେ।

## ଖଣ୍ଡୁଆ ପାଟ ଦେଇ ରାହୁଲଙ୍କୁ ସ୍ୱାଗତ କଲେ ପ୍ରସାଦ

ରାହୁଲ ଗାନ୍ଧୀ ସଭାସ୍ଥଳରେ ପହଞ୍ଚିବା ପରେ କର୍ମୀମାନେ ଚଳଚଞ୍ଚଳ ହୋଇ ଉଠିଥିଲେ। ଅନ୍ୟ ନେତୃମଣ୍ଡଳୀ କିଛି କରିବା ପୂର୍ବରୁ ଓଡ଼ିଶା ପ୍ରଦେଶ ପ୍ରଭାରୀ ଡ. ଅଜୟ କୁମାର ହେଲିଙ୍କ ଇଙ୍ଗିତ ପାଇ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଏକ ଖଣ୍ଡୁଆ ପାଟ ଆଣି ରାହୁଲ ଗାନ୍ଧୀଙ୍କୁ ପ୍ରଦାନ କରିଥିଲେ। ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

## ପ୍ରଭାରୀ କିଛି କହିଲେ ନାହିଁ



ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

ରାହୁଲଙ୍କ ସାଧାରଣ ସଭାରେ ଓଡିଶା ପ୍ରଦେଶ ପ୍ରଭାରୀ ଡ. ଅଜୟ କୁମାର ହେଲି ହେଲିକାପ୍ଟର ଯୋଗେ ରାହୁଲଙ୍କ ସହ ସଭା ମଞ୍ଚରେ ପହଞ୍ଚିଥିଲେ। କିନ୍ତୁ ସେ ସଭାରେ ଉଦ୍‌ବୋଧନ ଦେଇ ନଥିଲେ। କେବଳ କିଛି ନିର୍ଦ୍ଦିଷ୍ଟ ଇଙ୍ଗିତ ଦେଇ ରାହୁଲଙ୍କୁ ବୁଝାଇ ଦେଇଥିଲେ।

## ପାନ ଦୋକାନରେ ଭିଡ଼

ସଭା ମଞ୍ଚକୁ ଲାଗି ଏକ ପାନ ବନ୍ଧନ ନାମରେ ଷ୍ଟଲ ଖୋଲାଯାଇଥିଲା। ଏହି ଷ୍ଟଲରେ ସାଧା ପାନର ପସରା ଖୋଲାଯାଇଥିଲା। ଷ୍ଟଲର ଚତୁଃପାର୍ଶ୍ୱରେ ରାଜ୍ୟ ତଥା କେନ୍ଦ୍ରର ପ୍ରମୁଖ ନେତୃମଣ୍ଡଳୀଙ୍କ ଫଟୋ ଲଗାଯାଇଥିଲା ଓ କିଛି ଦୁର୍ନୀତୀର ଚିଠା ମଧ୍ୟ ସ୍ଥାପିତ ହୋଇଥିଲା। ପାନ ଖାଉଥିବା ଲୋକମାନେ ଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ସମ୍ପର୍କରେ ଅବଗତ ହେବା ପାଇଁ କଂଗ୍ରେସ ପକ୍ଷରୁ ଏଭଳି ଅଭିନବ ପ୍ରୟାସ କରାଯାଇଥିଲା।

## ମହିଳାଙ୍କ ନଗଣ୍ୟ ଉପସ୍ଥାନ

ରାହୁଲଙ୍କ ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ପାଇଁ ଅନେକ ଉପହାର ଥିବା ବେଳେ ମଞ୍ଚ ତଳେ ଓ ଉପରେ ସେମାନଙ୍କ ଅତି ନଗଣ୍ୟ ଉପସ୍ଥାନ ଥିଲା। ଏଥିରୁ କଂଗ୍ରେସର ମହିଳା ସଂଗଠନ ଦୁର୍ବଳ ଥିବା ବାରି ହୋଇ ପଡୁଥିଲା।

## କର୍ମୀଙ୍କୁ ମିଳିଲାନି ପାନୀୟ ଜଳ

ପ୍ରଚଣ୍ଡ ରୌଦ୍ରତାପ ହେତୁ ସରକାର ମଧ୍ୟାହ୍ନ ସମୟରେ ଅତି ଆବଶ୍ୟକ ନଥିଲେ ଘରୁ ନ ବାହାରିବା ପାଇଁ କଡ଼ାକଡି ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ବିଭିନ୍ନ ପ୍ରାନ୍ତରୁ ବହୁ କଂଗ୍ରେସ କର୍ମୀ ସଭାରେ ଯୋଗଦେଇଥିଲେ। ମଞ୍ଚର ସମ୍ମୁଖ ଭାଗରେ ଛାମୁଆଁ ନେତାଙ୍କ ପାଇଁ ଶୀତଳ ପବନର ବ୍ୟବସ୍ଥା କରାଯାଇଥିଲା। ତେବେ ଉଚିତ ସମୟରେ ଥଣ୍ଡା ପାନୀୟ ଜଳ ନମିଳିବା ଯୋଗୁ ଉପସ୍ଥିତ କର୍ମୀମାନେ ପାଣି ପାଇଁ ତହଲବିକଳ ହୋଇଥିଲେ।

## ପଲିଥିନ, ବୋତଲମୟ ହେଲା ସଭା ପଡ଼ିଆ

ସଭାମଞ୍ଚରେ ଭାଷଣ ସରିବା ପରେ ମଞ୍ଚାସୀନ ଅତିଥି ଓ କର୍ମୀ ସଭାପଡ଼ିଆ ଛାଡିଥିଲେ। କିନ୍ତୁ ସମ୍ପୂର୍ଣ୍ଣ ପଡିଆର ପରିମଳ ବ୍ୟବସ୍ଥାକୁ କେହି ଦୃଷ୍ଟି ଦେଇ ନ ଥିଲେ। ପଲିଥିନ ଓ ବୋତଲ ଗଦା ଗଦା ବିକ୍ଷିପ୍ତ ହୋଇ ପଡ଼ିଥିଲା।

# ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

କଟକ,୨୮।୪(କାର୍ତ୍ତିକ ସାହୁ)

ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ତୃତୀୟ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଡ. କମଳଜିତ୍ ସିଂହ ଯୋଗଦେଇ କହିଛନ୍ତି, ବିଶ୍ୱବିଦ୍ୟାଳୟକୁ ୩ ବର୍ଷ ପୂରଣ ହୋଇଥିବାବେଳେ ବହୁତ କ୍ଷେତ୍ରରେ ଉନ୍ନତି କରିପାରିଛି। ଆଗାମୀ ଦିନରେ ଆଇନ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନରେ ଅଧିକ ସୁବିଧା ପ୍ରଦାନ କରାଯିବା ସହ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ପାଠାଗାର ପରିସରରେ ନିର୍ମିତ ନୂତନ ପଠନ କକ୍ଷ ଉଦ୍‌ଘାଟିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ଆଇନ ପତ୍ରିକାର ପ୍ରଥମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଏଥିସହ କୃତୀ ଛାତ୍ରୀଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ସୌମିତ୍ର କୁମାର ଚାଟାର୍ଜୀ ବିବରଣୀ ପାଠ ଓ କୁଳସଚିବ ନିରୁପମା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସେହିପରି ବିଶ୍ୱବିଦ୍ୟାଳୟ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଥିଲା। କୁଳପତିଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ଅଧିକାରୀମାନେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଜାତୀୟ କର୍ମଶାଳା





ଭୁବନେଶ୍ୱର,୨୮।୪

ଓଡ଼ିଶା ଶିଶୁ ଅସ୍ଥିଶଲ୍ୟ ସଂଘ ଓ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନ ସ୍କୁଲ ଅଫ ଅକ୍ୟୁପେଶନାଲ ଓ ଫିଜିଓଥେରାପିର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ଜାତୀୟ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ମସ୍ତିଷ୍କ ପକ୍ଷାଘାତ ଯୋଗୁ ମନୁଷ୍ୟ ଶରୀରର ଅଙ୍ଗପ୍ରତ୍ୟଙ୍ଗ ବିକଳାଙ୍ଗ ଚିକିତ୍ସା ସମ୍ବନ୍ଧୀୟ ଆଲୋଚନା ଚକ୍ରକୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଧାରିତ କର୍ମଶାଳା ଯୁବ ଡାକ୍ତରଙ୍କୁ ମାର୍ଗଦର୍ଶନରେ ସହାୟକ ହେବ ବୋଲି ରଥ କହିଥିଲେ। କର୍ମଶାଳାର ମୁଖ୍ୟ ସଂଯୋଜକ ତଥା ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଭାରତୀୟ ଶିଶୁ ଅସ୍ଥି ଶଲ୍ୟ ସଂଘର ପୂର୍ବତନ ସଭାପତି ପ୍ରଫେସର ଡା. ଧୀରେନ୍ ଗଞ୍ଜୱାଲା, ମଣିପାଲ ମେଡିକାଲ କଲେଜର ପ୍ରଫେସର ଡା. ହିତେଶ ଶାହା, ଡା. ଆଶା ଚିତନିଶ, ଡା.ସଞ୍ଜୟ ପାଣ୍ଡେ, ଡା.ସାନିୟାଲ କୁମାର, ଡା.ପବିତ୍ର କୁମାର ସାହୁ, ଡା.ଆଦିତ୍ୟ ନାରାୟଣ ନନ୍ଦ, ଡା. ନିରଞ୍ଜନ ଓଝା, ଡା. ଆର୍ତ୍ତତ୍ରାଣ ପାତ୍ର ପ୍ରମୁଖ ମସ୍ତିଷ୍କ ପକ୍ଷାଘାତଜନିତ ଅଙ୍ଗପ୍ରତ୍ୟଙ୍ଗ ବିକଳାଙ୍ଗତ୍ୱ ଏବଂ ଚିକିତ୍ସା ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏସ୍‌ଭି ନିର୍‌ତାରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡା. ସଞ୍ଜୟ କୁମାର ଦାସ, ଡା. ଜଗନ୍ନାଥ ସାହୁ ବିଭିନ୍ନ ପର୍ଯ୍ୟାୟ ଅଧିବେଶନରେ ପୌରୋହିତ୍ୟ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ କର୍ମଶାଳାର ଉପାଦେୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍କୁଲ ଅଫ ଫିଜିଓଥେରାପିର ଅଧ୍ୟକ୍ଷ ଡା. ଦୁର୍ଗା ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା ଓ ଡା. ମେହେବୁବ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ବୈଦ୍ୟେଶ୍ୱରରେ ବିଜେଡି ମିଶ୍ରଣ ପର୍ବ

ବାଙ୍କୀ,୨୮।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ବୈଦ୍ୟେଶ୍ୱର ନୀଳମଣି ବିଦ୍ୟାରତ୍ନ ଛକରେ ସ୍ଥାନୀୟ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ବିଜେଡି ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବୈଦ୍ୟେଶ୍ୱରର କଣ୍ଟ ବେହେରା, ମିଲୁ ନାଏକ, ସନ୍ତୋଷ ଦେଉରୀ, ସମୀର ଦେଉରୀ, ସମୀର ନାଏକ, ସୁଶାନ୍ତ ମାଝି, ପ୍ରଦୀପ ବଳବନ୍ତ ରାୟ, ସୁଶାନ୍ତ ବ୍ରହ୍ମ, ପରମେଶ୍ୱର ଦେଉରୀ ପ୍ରମୁଖ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ବିଧାୟକ ତ୍ରିପାଠୀ ସେମାନଙ୍କୁ ଉତ୍ତରୀୟ ଦେଇ ଦଳରେ ସାମିଲ କରିଥିଲେ। ସରପଞ୍ଚ ସୁରଞ୍ଜନ ପଣ୍ଡା, ସମିତି ସଭ୍ୟ ମହେଶ୍ୱର ମହାପାତ୍ର, ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ନେମାଳ,୨୮।୪(କିରଣ ଶଙ୍କର ନାୟକ)

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଜନାର୍ଦ୍ଦନପୁର ପଞ୍ଚାୟତସ୍ଥିତ ଶନିଶ୍ଚର ପୀଠରେ କଟକ ସଦର ଭାଜପା ଦଳର ୨୫ ନଂ ଜୋନ୍ ପକ୍ଷରୁ ସାଙ୍ଗଠନିକ କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ କଟକ ସଦର ବିଧାୟକ ପ୍ରାର୍ଥୀ ଇଂ. ପ୍ରକାଶ ସେଠୀ ଯୋଗଦେଇ ଆଗାମୀ ନିର୍ବାଚନରେ କର୍ମୀମାନଙ୍କର ରଣକୌଶଳ କିଭଳି ହେବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଚଳିତ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ଲୋଗାନ୍ 'ଅବ୍‌କୀ ବାର ଚାରସୋ ପାର୍' ଡାକରାକୁ କାର୍ଯରେ ପରିଣତ କରିବାକୁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେମାନେ କହିଥିଲେ। ମୀନକେତନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଅକ୍ଷୟ ମହାନ୍ତିସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ପୃଷ୍ଟି, ଲକ୍ଷ୍ମଣ ସେଠୀ, ଭାଗବତ ମଲିକ, ବିଚିତ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡିର ଶକ୍ତି ବଢ଼ାଇବେ ଯୁବକର୍ମୀ

## ଆଠଗଡ଼ରେ ମିଶ୍ରଣ ପର୍ବ

ଆଠଗଡ,୨୮।୪(ସତ୍ୟ ପ୍ରସାଦ ରଥ)

ଆଠଗଡସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ସୂର୍ଯ୍ୟଭବନଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ରାଜୀବ ଲୋଚନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ତଥା ଆଠଗଡ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପସ୍ଥିତ ରହି ନବାଗତଙ୍କୁ ଦଳୀୟ ଉତ୍ତରୀୟ ଓ ପତାକା ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଆଠଗଡ ବ୍ଲକ ଯୁବ କଂଗ୍ରେସ ସଭାପତି ରାହୁଲ କୁମାର ସାହୁ, ଯୁବନେତା ସୁନୀଲ ମହାରଣା, ସତ୍ୟ ମିଶ୍ର, ଅମିୟ ମହାନ୍ତି, ଅନିଲ ଦଳେଇ, ସ୍ମୃତିରଞ୍ଜନ ମିଶ୍ର, ଯଜ୍ଞେଶ୍ୱର ଘଡେଇଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଯୁବ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଥିଲେ। ବିପର୍ଯ୍ୟସ୍ତ ସାମାଜିକ ବ୍ୟବସ୍ଥା, ଘରୋଇକରଣ ନୀତି ଆଦି ବିରୋଧରେ ଦୀର୍ଘ ମିଆଦୀ ଲଢେଇକୁ ଜୋର୍‌ଦାର କରିବା ସହିତ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେମାନେ ସଂକଳ୍ପ ନେଇଥିଲେ। ଏହି ଯୁବକମାନଙ୍କ ଯୋଗଦାନ ଫଳରେ ଓରନ୍ଦା ପଞ୍ଚାୟତର ନବେଡା ଅଞ୍ଚଳ ଓ ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେଡିର ଶକ୍ତି ବୃଦ୍ଧି ଘଟିଲା ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଯୁବନେତା ଦିଲ୍ଲୀପ କୁମାର ଦାସ ନବାଗତ ଯୁବନେତାମାନଙ୍କୁ ଶପଥ ପାଠ କରାଇବା ସହିତ ଧନ୍ୟବାଦ ଦେଇଥିଲେ।

# 'ଓଡ଼ିଶା ଆଇନ ଜଗତରେ ଚିରସ୍ମରଣୀୟ ମଧୁବାବୁ'









ହାଇକୋର୍ଟ ବାର୍ ଆସୋସିଏଶନ କନ୍‌ଭେନ୍‌ସନ୍ ହଲ୍‌ରେ ଅନୁଷ୍ଠିତ ସଭାରେ ରାଜ୍ୟପାଳ ରଘୁବର ଦାସ ଉଦ୍‌ବୋଧନ ଦେଉଛନ୍ତି। କଟକ ଗୋରାକବରଠାରେ ଥିବା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ସମାଧିପୀଠରେ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

କଟକ/ଚୌଦ୍ୱାର/ବାଙ୍କୀ,୨୮।୪ (କାର୍ତ୍ତିକ ସାହୁ/ଆଶୁତୋଷ ଦାସ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଆୟୋଜନରେ କଟକ ଜିଲା ପ୍ରଶାସନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ କଟକ ଗୋରାକବରସ୍ଥିତ ଉତ୍କଳ ଗୌରବଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତୁଳସୀପୁରସ୍ଥିତ ମଧୁସୂଦନ ପାର୍କ, କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କଅଧିକାରୀ ଭବାନୀ ଶଙ୍କର ଭୂୟାଁ ଓ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ମଧୁବାବୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ଶିକ୍ଷା, ସଂସ୍କୃତି ଓ ସ୍ୱାଭିମାନ ପ୍ରତିଷ୍ଠା ପାଇଁ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଜଣେ ବିଚକ୍ଷଣ ଆଇନଜୀବୀ ଭାବରେ ସେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତବର୍ଷରେ ପରିଚିତ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ହାଇକୋର୍ଟ ପରିସରରେ ପାଳିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସମାରୋହ ଏବଂ ଆଇନଜୀବୀ ଦିବସରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ରାଜ୍ୟପାଳ ରଘୁବର ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମଧୁବାବୁଙ୍କର କର୍ମମୟ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ଆଇନ କ୍ଷେତ୍ରରେ ତାଙ୍କର ଅବଦାନ ଯୋଗୁ ଓଡ଼ିଶା ଆଇନ ଜଗତରେ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ରାଜ୍ୟପାଳ କହିଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ, ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ଯୋଗଦେଇ ଓଡ଼ିଶାର ସାମାଜିକ ଏବଂ ଅର୍ଥନୈତିକ ବିକାଶ ସହିତ ଉତ୍କଳ ସମ୍ମିଳନୀର ସ୍ଥାପନ ପାଇଁ ମଧୁବାବୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି କହିଥିଲେ। ବାର୍ ଆସୋସିଏଶନ ସଭାପତି ବିଜୟ କୁମାର ଦାସ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ରଞ୍ଜନ କୁମାର ନାୟକ ବିବରଣୀ ପାଠ କରିଥିଲେ।

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଏକ ସମୃଦ୍ଧ ଓ ସ୍ୱାଭିମାନୀ ଜାତି ନିର୍ମାଣରେ ମଧୁବାବୁଙ୍କ ଜୀବନବ୍ୟାପୀ ସାଧନା ଅତୁଳନୀୟ ବୋଲି କହିଥିଲେ। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନଙ୍କ ସମେତ ଅଧିକାରୀମାନେ ମଧୁବାବୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ସଂଘର କର୍ମକର୍ତ୍ତା ପ୍ରଭାସ ପ୍ରଧାନ, ମନୋଜ ପାଲ, ପିଣ୍ଟୁ ସାମଲ, ଚଗଲା ବେହେରା, ନାନୁ ଖାନ୍, ଅଜୟ ବେହେରା, ଭାସ୍କର ଭୋଳ, ସନ୍ତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଲିଗାଲ ଏଡ୍ କାଉନସିଲ ପକ୍ଷରୁ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ଦେଉଳସାହିସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟ ପାଳିତ ହୋଇଛି। ସଙ୍ଗଠନ ସମ୍ପାଦକ ତଥା ଆଡ୍‌ଭୋକେଟ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲାଜଜ୍ ରତିକାନ୍ତ ମହାପାତ୍ର ଯୋଗଦେଇ ମଧୁସୂଦନ ଦାସ ଜନମାନସର ନେତା ଭାବେ ଆଜି ମଧ୍ୟ ସ୍ମରଣୀୟ ବୋଲି କହିଥିଲେ। ସି. କସ୍ତୁରି, ଈଶ୍ୱର ଚନ୍ଦ୍ର ପ୍ରଧାନ, ସିଦ୍ଧାର୍ଥ କୁମାର ସାହୁ, ଅମୂଲ୍ୟ ସାହୁ, ଶିଶିର ସମାଦାର, ଗୌରୀଶଙ୍କର ନନ୍ଦ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲା ଆବାହକ ମହେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଯୋଗଦେଇ ମହିଳା ମହାବିଦ୍ୟାଳୟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶରତ ଖୁଣ୍ଟିଆ, ଅଶୋକ କୁମାର ନାୟକ, ବୈଷ୍ଣବ ଚରଣ ପ୍ରଧାନ, ଅକ୍ଷୟ ଭୂୟାଁ, ପବିତ୍ର ମୋହନ ସାହୁ, ଶିବ ପ୍ରସାଦ ପତି, ମାନସ ପରିଡା, ଭାସ୍କର ମହାପାତ୍ର, ଗଙ୍ଗାଧର ସାହୁ, ଅଜିତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣି ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ । ସେହିପରି ଚୌଦ୍ୱାର ଅନ୍ୟ ସ୍ଥାନରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

ବାଙ୍କୀ ପ୍ରେସ କ୍ଲବ ବିଦ୍ୟାରତ୍ନ ଭବନରେ ବାଙ୍କୀ କ୍ରେଡିଟ ସମବାୟ ବ୍ୟାଙ୍କ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ୟାଙ୍କ ସଭାପତି ସମରେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘର ସଭାପତି ଆଇନଜୀବୀ ବିରଞ୍ଚି ନାରାୟଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ମୁଖ୍ୟବକ୍ତା, ଉପନଗରପାଳ ସନ୍ତୋଷ କୁମାର ରଣା, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା, ସମବାୟବିତ୍ ଆଦିତ୍ୟ ପ୍ରସାଦ ପାଣି, ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡା , ସରକାରୀ ଓକିଲ ପ୍ରଦୀପ କୁମାର ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଷା ଭିତ୍ତିକ ଓ ପ୍ରଦେଶ ଗଠନ କରିବା ମଧୁସୂଦନ ଦାସଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ।




୨୮।୦୪।୨୦୨୪

| ୫,୨୧, ୨୮୩ ଟଙ୍କା | |
|---|---|
| ସୁନା | ୩.୩୦୦ ମିଲିଗ୍ରାମ୍ |
| ରୁପା | ୩୦.୫୦୦ ମିଲିଗ୍ରାମ୍ |

# ଚେକିଂବେଳେ ଥାନାଧିକାରୀଙ୍କୁ ଚାପୁଡ଼ା

## ୨ ଭାଇଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୨୮।୪
(ସୂର୍ଯ୍ୟକାନ୍ତ ବେହେରା)

ମଦ୍ୟପ ଗାଡ଼ି ଚାଳକଙ୍କ ଉନ୍ମତ୍ତକାଣ୍ଡ। ଚେକିଂ ବେଳେ ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଥାନା ଅଧିକାରୀଙ୍କୁ ଚାପୁଡା ମାରିଲେ। ରାଜଧାନୀ ଭୁବନେଶ୍ୱରରେ ଏଭଳି ଘଟଣା ଘଟିଥିବାବେଳେ ଖାରବେଳନଗର ଥାନା ପୋଲିସ ୨ ଭାଇଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ଅନୁଗୋଳର ହିମାଂଶୁ ଶେଖର ଖୁଣ୍ଟିଆ, ତାଙ୍କ ଭାଇ ଆଶୁତୋଷ ଖୁଣ୍ଟିଆ ଓ ଅନ୍ୟଜଣେ ହେଲେ କନ୍ଧମାଳର ଟି. ଅଙ୍କିତ କୁମାର।



ସୂଚନାନୁସାରେ, ମଦ୍ୟପାନ କରି ଗାଡି ଚାଳନା ରୋକିବାକୁ କମିଶନରେଟ ପୋଲିସ ପକ୍ଷରୁ ଯାଞ୍ଚ ଜାରି ରହିଛି। ଶନିବାର ରାତିରେ ଖାରବେଳନଗର ଥାନା ଅଧିକାରୀ ତାଙ୍କ କର୍ମଚାରୀଙ୍କ ସହ ମିଶି ମାଷ୍ଟରକ୍ୟାଣ୍ଟିନ ଛକରେ ଚେକିଂ କରୁଥିଲେ। ଏହି ସମୟରେ ଶ୍ରୀୟାଟକିଜ୍ ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ଅଭିମୁଖେ ଏକ କାର ଦ୍ରୁତଗତିରେ ବିପଦଜନକ ଭାବେ ଆସୁଥିବା ଦେଖି ପୋଲିସ କର୍ମଚାରୀ ଉକ୍ତ ଗାଡିକୁ ବହୁ କଷ୍ଟରେ ଅଟକାଇଥିଲେ। ଯାଞ୍ଚ ସମୟରେ ଗାଡି ଡ୍ରାଇଭର ଅଭିଯୁକ୍ତ ଅଙ୍କିତ ନିଶାସକ୍ତ ଅବସ୍ଥାରେ ଥିବା ଜଣାପଡିଥିଲା। ତେଣୁ କାର ଚାଳକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପୋଲିସ ତାଙ୍କୁ କହିଥିଲେ। ହେଲେ ଗାଡିରେ ବସିଥିବା ଦୁଇ ଭାଇ ହିମାଂଶୁ ଓ ଆଶୁତୋଷ ଗାଡିରୁ ଓହ୍ଲାଇ ଚେକିଂ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ନିକଟରେ ଉପସ୍ଥିତ ଥିବା ଥାନାଧିକାରୀ ସେମାନଙ୍କୁ ବୁଝାଇବାକୁ ପ୍ରୟାସ କରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଅଭିଯୁକ୍ତ ହିମାଂଶୁ ଥାନାଧିକାରୀଙ୍କୁ ହଠାତ ଏକ ଚାପୁଡା ମାରିଥିଲେ। ପୋଲିସ ତିନି ଅଭିଯୁକ୍ତଙ୍କୁ ଘଟଣା ସ୍ଥଳରୁ ଗିରଫ କରିବା ସହ ସେମାନଙ୍କ ନିକଟରୁ କାରକୁ ଜବତ କରିଥିଲା।

## ଦୁର୍ଘଟଣାରେ ଯୁବକ ମୃତ

**କଟକ ସଦର, ୨୮।୪(ସୁଶାନ୍ତ କୁମାର ଜେନା):** ୪୨ ମୌଜା ଥାନା ଅନ୍ତର୍ଗତ ବ୍ରହ୍ମପୁର ନିକଟ କାଠଯୋଡି ନଦୀବନ୍ଧରେ ଶନିବାର ରାତିରେ ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସରିଚୁଆଁ ଗ୍ରାମର ବିଶ୍ୱଜିତ୍ ସାହୁ। ରବିବାର ସ୍ଥାନୀୟ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ବାଇକ୍ ଜବତ କରି ତଦନ୍ତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର ରାତିରେ ଯୁବକ ଜଣକ ବାଇକ (ନଂ.ଓଆର୍୦୫ଏସ୍-୬୯୯୬)ରେ କଟକରୁ ଘରକୁ ଫେରୁଥିବାବେଳେ ନଦୀବନ୍ଧର ଆଦର୍ଶ ବିଦ୍ୟାଳୟ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ୫ ବଖରା ଜଳିଗଲା

**ଚୌଦ୍ୱାର,୨୮।୪(ଆଶୁତୋଷ ଦାସ):** ଚୌଦ୍ୱାର ଥାନା ଅଧୀନ କୋଚିଲା ନୂଆଗାଁ ପଟାପୋଲ ସାହିରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ରାମ ଜଙ୍ଗଙ୍କର ୩ ବଖରା, ମାର୍କଣ୍ଡ ଜଙ୍ଗଙ୍କର ୨ ବଖରା ଜଳିଯାଇଛି। ଏଥିରେ ଘରେ ଥିବା ଟଙ୍କା, ଧାନ ଓ ଚାଉଳ ପୋଡିଯାଇଛି। ଖବରପାଇ ଚୌଦ୍ୱାର ଦମକଳ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବାବେଳେ ଚୁଲିରୁ ନିଆଁ ଉଡ଼ି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଉଭୟ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହେଉଛି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ମଙ୍ଗୁଳି-ଜଗତପୁର,୨୮।୪(ମାନସ ସାମଲ):** କଟକ ଜିଲା ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ନିର୍ଗୁଣ୍ଡି ଛକ ନିକଟରେ ରବିବାର ସକାଳେ ଟ୍ରକ୍ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲାର ମନୋଜ କୁମାର ମିଶ୍ର। ଦୁର୍ଘଟଣା ପରେ ଚାଳକ ଟ୍ରକ୍ ନେଇ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ, ମନୋଜ ରବିବାର ସକାଳେ ବାଇକ(ନଂ. ଓଡ଼ି୦୪ଡି-୪୪୮୪)ରେ କଟକରୁ ଯାଜପୁର ଅଭିମୁଖେ ଯାଉଥିବାବେଳେ ପଛରୁ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମନୋଜ ରାସ୍ତା ଉପରେ ଛିଟିକି ପଡିଥିଲେ। ଏହି ସମୟରେ ଟ୍ରକ୍‌ର ପଛ ଚକ ତାଙ୍କ ମୁଣ୍ଡ ଉପରେ ଚଢିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ରାଜପଥ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏଥିସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଚଳାଇଛି।



ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସଠାରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

## ଅନ୍ୟାୟ ବିରୋଧରେ ଲଢ଼ିବା ମଧୁବାବୁଙ୍କ ସହଜାତ ଗୁଣ ଥିଲା

ଭୁବନେଶ୍ୱର ୨୮।୪ (ବନ୍ଦନା ସେଠୀ)

ସଂଭାବନା ପକ୍ଷରୁ ରବିବାର ଓଡ଼ିଆ ସ୍ୱାଭିମାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଯୋଗଦେଇ ମଧୁ ବିଶାରଦ ଦାଶ ବେନହୁର କହିଲେ, ପିଲାଦିନୁ ମଧୁସୂଦନ ଦାସଙ୍କ ସ୍ୱାଭିମାନ, ସ୍ୱଦେଶପ୍ରାଣତା, ସତ୍ୟନିଷ୍ଠା ଓ ସହବଦ୍ଧତା ପ୍ରକାଶ ପାଇଥିଲା। ଛାତ୍ର ଜୀବନରୁ ସେ ବିଚକ୍ଷଣ ଓ ଜିଦ୍‌ଖୋର ଥିଲେ। ଅନ୍ୟାୟ ବିରୋଧରେ ଲଢିବା ତାଙ୍କର ସହଜାତ ଗୁଣ ଥିଲା। ଆଜିର କିଶୋର କିଶୋରୀ ଓ ଯୁବତୀଯୁବକ ମଧୁସୂଦନଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ପାଦକ ଦେବ ପ୍ରସାଦ ପରିଜା ପ୍ରାରମ୍ଭିକ ସୂଚନା ଓ ଚଳିତ ବର୍ଷର ଶ୍ରେଷ୍ଠ ଓଡ଼ିଆଣୀ ଜ୍ୟୋସ୍ନାମୟୀ ସେନାପତି ଉପସ୍ଥିତ ଥିଲେ। ଦ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିହାରିକା ମିଶ୍ର ଓଡ଼ିଆ ସଙ୍ଗୀତ ଓ ଶ୍ରଦ୍ଧା ସୁମନ ରଥ ଲୋକଗୀତ 'ରସରକେଳି' ପରିବେଷଣ କରିଥିଲେ। ସେହିଭଳି ସାଇ ସୌମ୍ୟକାନ୍ତ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶିଶୁ କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଂଧ୍ୟାରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବର୍ଷର ଶ୍ରେଷ୍ଠ ଓଡ଼ିଆଣୀଙ୍କ ସମେତ ସଂଭାବନାର ଯୁଗ୍ମ ସମ୍ପାଦିକା ମୀନାକ୍ଷୀ ପଟ୍ଟନାୟକ, କାର୍ଯ୍ୟକ୍ରମ ସମ୍ପାଦିକା ରଶ୍ମିତା ରଥ, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଦେ ଓ ସଭ୍ୟ ଅଭିରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୋଳବେଦି ବାହାର ପାଚେରିରୁ ଐତିହ୍ୟମୂର୍ତ୍ତି ଉଭାନ

ଭୁବନେଶ୍ୱର,୨୮।୪(ଅନୁରାଧା ମହାରଣା)

ମହାପ୍ରଭୁଙ୍କ ଦୋଳବେଦିର ପୁନରୁଦ୍ଧାର ସମୟରେ ନିର୍ମିତ ନୂତନ ପ୍ରାଚୀରରେ ପୂରାତନ ପ୍ରାଚୀରରେ ଲାଗିଥିବା ଅନେକ ଐତିହ୍ୟ ମୂର୍ତ୍ତି ସ୍ଥାନ ପାଇ ନ ଥିବା ପରିଲକ୍ଷିତ ହେଉଛି। ଏଠାରେ ସୂଚନାଯୋଗ୍ୟ, ୨୦୨୨ ଡିସେମ୍ବରରେ ପୁରୁଣା ଇଟା ନିର୍ମିତ ଦୋଳବେଦି ପାଚେରୀକୁ ନବନିର୍ମାଣ ଉଦ୍ଦେଶ୍ୟରେ ଭଙ୍ଗାଯାଇଥିଲା। ସେହି ସମୟରେ ଦୋଳବେଦି ପାଚେରୀରେ ଲାଗିଥିବା ଅନେକ ବିରଳ ମୂର୍ତ୍ତି କେଉଁଆଡେ ଗଲା ବୋଲି ଐତିହ୍ୟ ଗବେଷକମାନେ ପ୍ରଶ୍ନ କରିଥିଲେ। ଐତିହ୍ୟ ଗବେଷକ ଦୀପକ ନାୟକ ଏହି ମୂର୍ତ୍ତିଗୁଡ଼ିକ ତଥା ମୁଖ୍ୟ ରୂପରେ ବିରଳ ରାବଣ ଛତ୍ରଭଙ୍ଗ ମୂର୍ତ୍ତିର ସୁରକ୍ଷା ବିଷୟରେ ପ୍ରଶ୍ନ କରିଥିଲେ। ତତ୍କାଳୀନ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦୋଳବେଦି ପାଚେରୀରେ ଲାଗିଥିବା ପ୍ରାୟ ୫୫ଟି ମୂର୍ତ୍ତି କଢ଼ାଯାଇ ସୁରକ୍ଷିତ ଭାବେ ରଖାଯାଇଥିବା କହିଥିଲେ। ପରବର୍ତ୍ତୀ ସମୟରେ ଖାଣ୍ଡେଲାଇଟ ପଥରରେ ନୂତନ ପାଚେରୀ ନିର୍ମାଣ କରାଯାଇଥିଲା। ନବନିର୍ମିତ ପାଚେରୀରେ ପ୍ରାୟ ୪୦ରୁ ଅଧିକ ମୂର୍ତ୍ତି ପୁନଃ ସ୍ଥାପନ କରାଯାଇଥିବା ବେଳେ ଅନେକ ମୂର୍ତ୍ତି ସ୍ଥାନ ପାଇ ନ ଥିବା ଦେଖିବାକୁ ମିଳୁଛି। ବିଶେଷତଃ ପ୍ରାଚୀନ ରାବଣ ଛତ୍ରଭଙ୍ଗ ମୂର୍ତ୍ତିଟି ଉଭାନ ହୋଇଯାଇଛି। ତେଣୁ ଏହି ସବୁ ମୂର୍ତ୍ତି କୁଆଡ଼େ ଗଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାଚୀନ ମୂର୍ତ୍ତିଗୁଡ଼ିକ ଅବହେଳା କାରଣରୁ ନଷ୍ଟ ବା ହଜିଯାଇନାହିଁ ତ ବୋଲି ନାୟକ ପ୍ରଶ୍ନ କରିଛନ୍ତି।

ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନର 'ସୀତା ବିବାହ ଦିବସ'

## ୫ଜଣ ପାଇଲେ 'ସିନେକ୍ରିଟିକ୍ ସମ୍ମାନ'

ଭୁବନେଶ୍ୱର,୨୮।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ସୀତା ବିବାହ ଦିବସ' ସମାରୋହ ରବିବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପ୍ରଯୋଜିକା ତଥା କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ, ନିର୍ଦ୍ଦେଶକ ପ୍ରଣବ ଦାସ, ନିର୍ଦ୍ଦେଶକ ଅରୁଣ ମହାନ୍ତି ଯୋଗଦେଇ ଓଡ଼ିଆ ଚଳଚ୍ଚିତ୍ରର ଜନକ ତଥା ପ୍ରଥମ ଚଳଚ୍ଚିତ୍ର 'ସୀତା ବିବାହ'ର ନିର୍ଦ୍ଦେଶକ ସ୍ୱର୍ଗତ ମୋହନସୁନ୍ଦର ଦେବଗୋସ୍ୱାମୀଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ରର ପ୍ରସାର ନିମନ୍ତେ ପ୍ରତି ଜିଲାରେ ପ୍ରେକ୍ଷାଳୟ



ଅତିଥିଙ୍କ ଗହଣରେ ସିନେକ୍ରିଟିକ୍ ସମ୍ମାନରେ ସମ୍ମାନିତ ବ୍ୟକ୍ତିତ୍ୱମାନେ।

ସଂଖ୍ୟା ବୃଦ୍ଧି ଓ ଗୁଣାତ୍ମକ ମାନର ଚଳଚ୍ଚିତ୍ର ପ୍ରସ୍ତୁତ କରିବାକୁ ସରକାର ପ୍ରୋତ୍ସାହନ ଦେବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂତନ ଓଡ଼ିଆ ଚଳଚ୍ଚିତ୍ର 'ଭୋଟ୍'ର ପ୍ରଯୋଜକ ଅତିଶ ରାଉତ, ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ଅଭିନେତା ହର ରଥ, ସୁଶାନ୍ତ ରାଉତରାୟ ଓ କାହାଣୀକାର ଅଜୟ ମହାପାତ୍ରଙ୍କୁ 'ସିନେକ୍ରିଟିକ୍ ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ତଥା ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଓ ମଞ୍ଚ ନାଟକର ନିର୍ଦ୍ଦେଶକ ସଚ୍ଚି ଦାସଙ୍କ ବିୟୋଗରେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ପ୍ରଯୋଜକ ଲୁଟୁ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ଶ୍ରୀଧର ମାର୍ଥା, ରାଜଗୋପାଳ ସିଂହ, ରବୀନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ପାଇକରାୟ ଓ ଶ୍ରୀକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବାହ୍ନରେ ଆସୋସିଏଶନ ପକ୍ଷରୁ ଉତ୍କଳ ମଣ୍ଡପ ପରିସରରେ ସ୍ଥାପିତ ଦେବଗୋସ୍ୱାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଦେବାଶିଷ



@ ଜସ୍ମିନ୍



@ ପରେଶ



@ ସୁରେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

ପୂର୍ବରୁ



କଟକ ଖାନ୍‌ନଗର ରିଂରୋଡ୍ ଉଭୟ ପାର୍ଶ୍ୱରେ ଥିବା ଗଛ।

ଏବେ



କଟକ ଖାନ୍ ନଗର ରିଂରୋଡ୍‌ର ଗଛ କଟାଯାଇ ରାସ୍ତା ସଂପ୍ରସାରଣ କରାଯାଉଛି।

